ବୁଧବାର ପୂର୍ବାହ୍ନ ୧୧ଟାରେ ୪୯ ଜଣ ସଭ୍ୟାସଭ୍ୟ ବ୍ଲକ ମୁଖ୍ୟ ଫାଟକ ଦେଇ ସଭାଗୃହରେ ପହଞ୍ଚିଥିଲେ। ସଭାଗୃହରେ ତହସିଲଦାର ତଥା ନିର୍ବାଚନ ଅଧିକାରୀ ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପରେ ଅନାସ୍ଥା ପ୍ରସ୍ତାବ ବୈଠକ ଉପରେ ଭୋଟ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ଉକ୍ତ ବୈଠକ ବାତିଲ ପାଇଁ ହାଇକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିଶନ ଦାଖଲ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ଜୁନ୍ ୩୦ ତାରିଖରେ ଅଛି। ଏହି ଅନାସ୍ଥା ପ୍ରସ୍ତାବ ପାଇଁ ବୁଧବାର ବ୍ଲକ ସମ୍ମୁଖରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।


ଅନାସ୍ଥା ପ୍ରସ୍ତାବ ବୈଠକ ପାଇଁ ବ୍ଲକ୍ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

# ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏସ୍ଓପି

- ଆପରାଧିକ ମାମଲାର ଦ୍ୱରିତ ଶୁଣାଣିକୁ ସରକାରଙ୍କ ଗୁରୁତ୍ୱ
- ପ୍ରତିପକ୍ଷ ଓକିଲଙ୍କୁ ୨ଥରରୁ ଅଧିକ ସୁଯୋଗ ଦିଅନାହିଁ

ଭୁବନେଶ୍ୱର,୨୮।୫ (ରବିନାରାୟଣ ଜେନା)

ଜନସାଧାରଣଙ୍କୁ କିଭଳି ଦ୍ୱରିତ ନ୍ୟାୟ ମିଳିବ, ବିଶେଷକରି ଆପରାଧିକ ମାମଲାର ଦ୍ୱରିତ ଶୁଣାଣି ହୋଇପାରିବ ସେଥିନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପୀଡ଼ିତାଙ୍କୁ ଦ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ସେକ୍ସନ ୩୪୬ର ସବ୍ସେକ୍ସନ-୨ ଅନୁଯାୟୀ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍ଓପି) ଜାରି କରାଯାଇଛି, ଯେଉଁଥିରେ ସରକାରୀ ଓକିଲ କିଭଳି ମାମଲାର ସୁପରିଚାଳନା କରିବେ ଏବଂ ପ୍ରତିପକ୍ଷ ଓକିଲଙ୍କୁ ବାରମ୍ବାର ତାରିଖ ଗଡ଼ାଇବାର ସୁଯୋଗ ନ ଦେବେ ତାହାକୁ ଦୃଷ୍ଟିରେ ରଖି ଏସ୍ଓପି ପ୍ରସ୍ତୁତ କରାଯାଇଛି।

ଗତ ୨୭ ତାରିଖରେ ଗୃହ ବିଭାଗ ପକ୍ଷରୁ ଜାରି ଏସ୍ଓପିରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି ଯେ, ସାମ୍ବିଧାନିକ ନିୟମ ଅନୁଯାୟୀ ଆପରାଧିକ ମାମଲାର ଶୁଣାଣି ବେଳେ ଯେଭଳି ଅନାବଶ୍ୟକ ଭାବେ ପ୍ରତିପକ୍ଷ ଓକିଲ ବିଳମ୍ବ ନ କରିବେ ସେଥିପ୍ରତି ସରକାରୀ ଓକିଲ(ପବ୍ଲିକ୍ ପ୍ରସିକ୍ୟୁଟର) ଗୁରୁତ୍ୱ ଦେବେ। ଏହା ରାଜ୍ୟର ସମସ୍ତ ପବ୍ଲିକ୍ ପ୍ରସିକ୍ୟୁଟର, ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର ଏବଂ ଅନ୍ୟାନ୍ୟ ଅଧିକାରୀ(ଆପରାଧିକ ମାମଲା ପରିଚାଳନା)ଙ୍କ ପାଇଁ ପ୍ରଯୁଜ୍ୟ। ଯଦି ସେଭଳି କିଛି ସ୍ୱତନ୍ତ୍ର କାରଣ ନ ଥିବ, ତେବେ ପ୍ରତିପକ୍ଷ ଓକିଲଙ୍କୁ ଯେପରି ଆଡଜର୍ନମେଣ୍ଟ ଅନୁମତି ନ ମିଳିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବେ। ମାମଲା ପରିଚାଳନା ବେଳେ ଅଧିବେଶନରେ ୨ଥର ଆଡ୍ଜର୍ନମେଣ୍ଟ ଅନୁମତି ଦେଇହେବ। ସେପରି ବୈଧ କାରଣ ନ ଥିଲେ ଓକିଲଙ୍କୁ ଅନ୍ୟ ଅଦାଲତରେ ନିଯୁକ୍ତି ଦିଆଯାଇପାରିବ ନାହିଁ। ସାକ୍ଷ୍ୟ ଅଦାଲତରେ ଉପସ୍ଥିତ ଥିବାବେଳେ ପ୍ରତିପକ୍ଷ ଓକିଲ ସେମାନଙ୍କୁ ଯେପରି ପ୍ରଭାବିତ କରିବାର ସୁଯୋଗ ନ ପାଇବେ ତାକୁ ନଜରରେ ରଖି ସରକାରୀ ଓକିଲମାନେ ବିଭିନ୍ନ ଦିଗରୁ କ୍ରସ୍ ପ୍ରଶ୍ନ କରିବାକୁ ଏସ୍ଓପିରେ କୁହାଯାଇଛି। ଏହାବାଦ୍ କଜ୍ ଲିଷ୍ଟ ନିଶ୍ଚିତ କରିବା, ସାକ୍ଷ୍ୟଙ୍କୁ ପ୍ରସ୍ତୁତ ରଖିବା, ଆଟେଣ୍ଡାନ୍ସ ରେଜିଷ୍ଟର ନିୟମିତ ପରିଚାଳନା କରିବା ସହ ଜିଲାସ୍ତରରେ ପ୍ରସିକ୍ୟୁଟରମାନେ ଏସ୍ଓପି ସମ୍ପର୍କରେ ଯେପରି ତାଲିମ୍ପ୍ରାପ୍ତ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହାବାଦ୍ ପ୍ରତିମାସରେ ମାମଲା ତାଲିକା ଓ ତା'ର ବିବରଣୀ ସହିତ କେତେ ଆଡ୍ଜର୍ନମେଣ୍ଟ ଅନୁମତି ପ୍ରତିପକ୍ଷ ଓକିଲଙ୍କୁ ପ୍ରଦାନ କରାଗଲାଣି ତାହା ସମ୍ପର୍କରେ ଚିଙ୍କିନିଖି ତଥ୍ୟ ରଖିବାକୁ ସରକାରଙ୍କ ପକ୍ଷରୁ ଏସ୍ଓପିରେ କୁହାଯାଇଛି।

# ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ୍ ଫେଲୋଶିପ୍ ପ୍ରୋଗ୍ରାମ୍ ଅଧୀନରେ ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ ଆରମ୍ଭ ହେବ। ପିଏଚ୍ଡି ଆଶାୟୀମାନେ ସାମ୍ସ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୨୪ ଆବେଦନର ଶେଷ ତାରିଖ ରହିଛି। ଆବେଦନରେ କୌଣସି ପରିବର୍ତ୍ତନ କିମ୍ବା ତ୍ରୁଟି ଥିଲେ ଆବେଦନକାରୀ ୨୫ ତାରିଖରେ ସଂଶୋଧନ କରିପାରିବେ। ତେବେ ଏହିଦିନ ନୂଆ ଆବେଦନ କରିହେବ ନାହିଁ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚ୍ଇସି)ରେ ଦାଖଲ କରାଯିବ। ପରବର୍ତ୍ତୀ ସମୟରେ ଓଏସ୍ଏଚ୍ଇସି ପକ୍ଷରୁ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଯାଞ୍ଚ କରାଯିବ। ସୂଚନା ଥାଉକି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଛାତ୍ରୀଛାତ୍ର ସୁଯୋଗ ପାଇବେ।





FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT

DSPL-82
ଓଡ଼ିଶା ସରକାର

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫

"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଋତୁସ୍ରାବ ସମୟରେ ପରିଚ୍ଛନତା ଅତ୍ୟନ୍ତ ଜରୁରୀ। "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍ର ସଦୁପଯୋଗ କରନ୍ତୁ।"

ଋତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ

- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।

ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0188/2526

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଆମେ ଆମ ଜୀବନର ସାକ୍ଷୀ



ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବହୁ ଚମତ୍କାର ଅବଧାରଣା ରହିଛି, ଯାହା ମଣିଷର ଭାବନା ଏବଂ ଜ୍ଞାନକୁ ବୁଝାଇଥାଏ। ତେବେ ମାନବୀୟ ଚିନ୍ତାଧାରାରେ ଈଶ୍ୱର ଏବଂ ସମାନତାର ଧାରଣା ରହିଥିଲେ ମଧ୍ୟ ସେସବୁ ପ୍ରକୃତିରେ ଦୃଶ୍ୟମାନ ହୋଇ ନ ଥାଏ। ପୁରାଣ ହେଉଛି ଅଦୃଶ୍ୟ ଜଗତର ଧାରଣା ଓ ବିଶ୍ୱାସ। ପ୍ରକୃତିରେ ନ ଥିବା ଧାରଣାଗୁଡ଼ିକୁ ବୁଝାଇବା ଲାଗି ଏହା କାଳ୍ପନିକ ଛବି ବା କାହାଣୀ ବ୍ୟବହାର କରେ। ଆଦିମାନବ ପ୍ରକୃତିର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଦେବତାଙ୍କ ଧାରଣା ଆଣିଥିଲା। ତା' ଦୃଷ୍ଟିରେ ଫୁଲ ଓ ଫଳ ଦେଉଥିବା ଗଛ ହିଁ ଭଗବାନ୍‌। ଜଙ୍ଗଲ ଓ ନଦୀ ମଧ୍ୟ ଥିଲା ତା' ପାଇଁ ଦେବତା। ପ୍ରକୃତିର ନିୟମ ସହିତ ଏକ ସମନ୍ୱୟ ଆଣିବା ଲାଗି ମଧ୍ୟପ୍ରାଚ୍ୟର ଆଦିବାସୀମାନେ ଈଶ୍ୱରଙ୍କ କାହାଣୀ ସୃଷ୍ଟି କରିଥିଲେ। ବିଶେଷକରି ସେହି ସମୟରେ ଭାରତୀୟମାନେ ଜୀବନର ବିବିଧତା ତଥା ଭବିଷ୍ୟତ ଓ ଅସମାନତାକୁ ଦର୍ଶାଇବା ସକାଶେ ପୁନର୍ଜନ୍ମ ଧାରଣା ଆଣିଥିଲେ, ଯାହାସବୁ ଥିଲା କାଳ୍ପନିକ କାହାଣୀ ଏବଂ ଅବାସ୍ତବ ଛବି ମାଧ୍ୟମରେ ଏହାକୁ ପ୍ରଚାର କରିଥିଲେ। ଉଦାହରଣ ସ୍ୱରୂପ, ବୌଦ୍ଧଧର୍ମର ଜାତକ କାହାଣୀ ବୁଦ୍ଧଙ୍କର ପ୍ରାୟ ୫୫୦ଟି ପୂର୍ବଜନ୍ମ ସମ୍ପର୍କରେ (କେତେକ ଉଦ୍ଭିଦ, କେତେକ ପ୍ରାଣୀ ଏବଂ କେତେକ ମଣିଷ ଭାବରେ) ସୂଚିତ କରିଛି। ବିଷ୍ଣୁଙ୍କର ଦୁଇ ଅବତାର ରାମ ଏବଂ କୃଷ୍ଣଙ୍କ କାହାଣୀ ରାମାୟଣ ଓ ମହାଭାରତରେ ରହିଛି। ଦେଖିବାକୁ ଗଲେ ହିନ୍ଦୁ ପରମ୍ପରାରେ ପୁନର୍ଜନ୍ମ ବିଶ୍ୱାସ ଦୃଢ଼ ଭାବେ ରହିଆସିଛି।

ଯିଶୁ ଜଣେ କୁମାରୀଠାରୁ ଜନ୍ମ ହେବା ବିଶ୍ୱାସକୁ ଏବେ ବି ଅନେକେ ଗ୍ରହଣ କରନ୍ତି। କିନ୍ତୁ ସେ ଏକ ଅଲୌକିକ ସତ୍ତା, ଈଶ୍ୱରଙ୍କ ପୁତ୍ର, ଯାହାଙ୍କୁ ହତ୍ୟା କରାଯିବା ପରେ ତାଙ୍କ ପୁନର୍ଜୀବନ ପ୍ରାପ୍ତିକୁ ଜାଗ୍ରତ କରିବା ପାଇଁ ଏଭଳି ବିଶ୍ୱାସ ଉଦ୍ଦିଷ୍ଟ ଥିଲା। ମହମ୍ମଦ ଜେରୁଜେଲମରୁ ସ୍ୱର୍ଗକୁ ଯିବାର କାହାଣୀ ତାଙ୍କୁ ଜଣେ ଈଶ୍ୱର ଭାବେ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ଥିଲା। ୟୁରୋପୀୟ ପଣ୍ଡିତମାନେ ଯିଶୁ ଏବଂ ମହମ୍ମଦଙ୍କ ଜନ୍ମ ଓ ଜୀବନର ବାସ୍ତବତାକୁ ଯେମିତି ଗ୍ରହଣ କରନ୍ତି ହିନ୍ଦୁ ପୁରାଣଗୁଡ଼ିକୁ ଠିକ୍ ସେମିତି ସ୍ୱୀକାର କରିଥାନ୍ତି। ସେମାନେ ସେଥିରେ କାଳ୍ପନିକତା ଦେଖିପାରନ୍ତି ନାହିଁ। ଦେଖିବାକୁ ଗଲେ କ୍ଷୀରସାଗର ଅସ୍ତିତ୍ୱ କିମ୍ବା ଶିବଙ୍କ ମସ୍ତକ ଦେଇ



ଗଙ୍ଗା ଆକାଶରୁ ଧରାକୁ ଆସିଥିବା ଧାରଣାଗୁଡ଼ିକୁ ଅର୍ଥପୂର୍ଣ୍ଣ ପ୍ରତୀକ ଭାବେ ବ୍ୟବହାର କରି ପ୍ରଚାର କରାଯାଇଥିଲା।

ଏବେକାର ଆଧୁନିକ ଯୁଗର ଲୋକେ ପରମ୍ପରାକୁ ଘୃଣା କରନ୍ତି। ସେମାନେ ସେମାନଙ୍କ ପୂର୍ବଜଙ୍କ ତୁଳନାରେ ବାସ୍ତବବାଦୀ ବୋଲି ଅନୁଭବ କରନ୍ତି। କିନ୍ତୁ ଯଦି ଆମେ ପୁନର୍ଜନ୍ମ ଉପରେ ବିଶ୍ୱାସ କରୁ, ତେବେ ଆମକୁ ବୁଝିବା ଦରକାର ଯେ ପୁନର୍ଜନ୍ମ ବିଚାର କ'ଣ ଓ ଏହାର ଉଦ୍ଦେଶ୍ୟ କ'ଣ ରହିଛି। ପୁନର୍ଜନ୍ମ ତିନୋଟି ସିଦ୍ଧାନ୍ତ ସାମ୍ନାକୁ ଆଣେ। ପ୍ରଥମେ ଏହା ସୃଷ୍ଟିର ବିବିଧତାକୁ ଦର୍ଶାଏ। ପୁନର୍ଜନ୍ମ ସମସ୍ତ ବିବିଧତାକୁ ଆମର ଦାୟିତ୍ୱ ବୋଲି ସୂଚିତ କରେ। ପୁନର୍ଜନ୍ମ କର୍ମକୁ ବ୍ୟାଖ୍ୟାକରେ। ସମସ୍ତଙ୍କ ଜୀବନ ଭଲ ଓ ମନ୍ଦ କର୍ମର ସମାହାର ବୋଲି କହେ। ପୁନର୍ଜନ୍ମ ଧାରଣା ଏହା ମଧ୍ୟ ଦର୍ଶାଏ ଯେ, ଯେଉଁମାନେ ପୂର୍ବଜନ୍ମରେ ନକାରାତ୍ମକ ବା ମନ୍ଦ କର୍ମ କରିଥାନ୍ତି ସେମାନେ ଏ ଜନ୍ମରେ ଯନ୍ତ୍ରଣା ଭୋଗନ୍ତି। ଯେଉଁମାନେ ସକାରାତ୍ମକ କର୍ମର ପାରବ୍ଧ ନେଇ ଆସନ୍ତି ସେମାନେ ଆନନ୍ଦରେ ରହନ୍ତି। ଜୀବନ ଓ ଜନ୍ମର ଏହି ବିବିଧତାକୁ ବୁଝାଇବାରେ କର୍ମ ସାହାଯ୍ୟ କରେ। ଏପରିକି ସମସ୍ତେ ସମାନ ବା ଗୋଟିଏ ରୂପ ବୋଲି ବିଶ୍ୱାସ କରୁ ନ ଥିବା ସମାଜରେ ମଧ୍ୟ କର୍ମ ସିଦ୍ଧାନ୍ତ ରହିଛି। ଅନ୍ୟପଟେ ଯେଉଁଠି ସମସ୍ତେ ସମାନ ବୋଲି ବିଶ୍ୱାସ କରାଯାଏ ସେଠାରେ ଗୋଟିଏ ଈଶ୍ୱର, ଗୋଟିଏ ଗ୍ରନ୍ଥ ଏବଂ ଗୋଟିଏ ଜୀବନଶୈଳୀ ତୁମେ ପାଇପାରିବ। ଦ୍ୱିତୀୟରେ ଜୀବର ଗୋଟିଏ ଜନ୍ମ ଉପରେ ବିଶ୍ୱାସ କରୁଥିବା ପୁରାଣଗୁଡ଼ିକ ଜୀବନର ଏକ ଅନ୍ତିମ ସ୍ତର, ମହାପ୍ରଳୟ ଓ ମହାଯୁଦ୍ଧକୁ ଦର୍ଶାନ୍ତି। ଅନ୍ୟପଟେ ଅନେକ ଜୀବନ ଓ ଜନ୍ମ(ପୁନର୍ଜନ୍ମ)ର ସିଦ୍ଧାନ୍ତ ଉପରେ ବିଶ୍ୱାସ କରୁଥିବା ସମାଜରେ ସେପରି କୌଣସି ଶେଷ ବିଚାର(ସୃଷ୍ଟି ଓ ଜୀବନ) ନାହିଁ, ଏପରି କି କୌଣସି ବିଜୟ କିମ୍ବା ପରାଜୟ ନାହିଁ। କୁହାଯାଏ ଏଇ ଜୀବନରେ ଜଣେ ବିଜୟୀ ହେଲେ ଆର ଜନ୍ମରେ ତାକୁ ହାରିବାକୁ ହୋଇଥାଏ। ପୂର୍ବଜନ୍ମରେ ଯିଏ ଧନୀ ଥାଏ ସେ ଏଇ ଜୀବନରେ ଗରିବ ହୁଏ। କହିବାକୁ ଗଲେ ଜୀବନର ସବୁକିଛି ଏକ ଚକ୍ରାକାର ଗତିରେ ଚାଲେ ଓ ଜୀବର ପ୍ରତ୍ୟେକଟି କାର୍ଯ୍ୟର ପରିଣାମ ଅଛି। ସୃଷ୍ଟିରେ ମଧ୍ୟ କୌଣସି ଗୋଟିଏ ମହାବିନାଶର ଦିନ ନାହିଁ। କେହି ସ୍ୱର୍ଗ କିମ୍ବା ନର୍କରେ ନାହାନ୍ତି। କୌଣସି ଅନ୍ତିମ ଗନ୍ତବ୍ୟସ୍ଥଳ ନ ଥାଏ। କେବଳ ଥାଏ ଜନ୍ମ -ମୃତ୍ୟୁ ଚକ୍ରର ପଥ, ଯେଉଁଥିରେ ଜଣେ ଜନ୍ମ ପରେ ଜନ୍ମ ନେଇଥାନ୍ତି।

ତୃତୀୟରେ ଯଦି ଜଣେ କେବଳ ଥରେ ଜନ୍ମ ନେବ କିମ୍ବା ଥରେ ଏହି ସୃଷ୍ଟିରେ ବଞ୍ଚିବ, ତେବେ ବୁଝିବାକୁ ହେବ ଯେ, ତାଙ୍କର ପୁନର୍ଜନ୍ମ ନାହିଁ, ଅର୍ଥାତ୍ ସେ ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତ ହୋଇଯାଏ। ଏହା ହେଉଛି ସଞ୍ଚିତ ପ୍ରାରବ୍ଧର ସୁଫଳ। ତେଣୁ ତୁମେ ବଞ୍ଚିଥିବା ସମୟରେ କରିଥିବା କର୍ମ ଏବଂ ଲାଭ କରିଥିବା ସଫଳତା ଓ ଧନସମ୍ପତ୍ତିକୁ ଜୀବନ ଶେଷରେ ଗଣନା କରାଯାଇଥାଏ। ତୁମେ ସେହି ଜୀବନରେ ସଫଳ ହୋଇଛ କି ନାହିଁ ତାହା ସ୍ଥିର କରାଯାଏ ଓ ତାହା ହିଁ ପ୍ରାରବ୍ଧ। କିନ୍ତୁ ଯଦି ତୁମେ ବାରମ୍ବାର ଜନ୍ମ ନେଉଛ, ତେବେ ତୁମ ଜୀବନ ସେହି ଭଳି ଅସୀମ ଥର ଭାଗ ହେଉଛି ବୋଲି ବୁଝିବାକୁ ହେବ। ଫଳରେ ତୁମେ ଯାହା କରିଥାଅ କିମ୍ବା ହାସଲ କରିଥାଅ, ତାହାର ମୂଲ୍ୟ ଶେଷରେ ଶୂନ୍ୟ ହୋଇଯାଏ। ମନେରଖିବାକୁ ହେବ ଯେ, ଅନ୍ୟମାନଙ୍କୁ ତୁମେ ଯାହାସବୁ ଦେଇଛ ସେଥିରେ ତୁମ ଜୀବନର ମୂଲ୍ୟାଙ୍କନ ହୋଇଥାଏ। ଭଲ କର୍ମ କରୁଥିଲେ କିମ୍ବା ଭଲ ସେବା ଦେଉଥିଲେ ଜୀବନର ମୂଲ୍ୟ ବଢ଼େ। ଆମ୍ବ ଗଛରେ ଆମ୍ବ ଫଳିଲେ ତାହାର ମୂଲ୍ୟ ଜଣା ପଡ଼େନାହିଁ ବରଂ ତାକୁ ଖାଇଲେ ତାହାର ମୂଲ୍ୟ କ'ଣ ଜାଣିପାରିବା। ପ୍ରକୃତରେ କୌଣସି ଜିନିଷର ଗୁଣାତ୍ମକ ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ତୁମେ ଏ ଜନ୍ମରେ ଜୀବନକୁ ନଷ୍ଟ କରିଥିଲେ ପରଜନ୍ମରେ ତାହାକୁ ଅନ୍ୟମାନେ ନଷ୍ଟ କରିଦେବେ। ଏ ଜନ୍ମରେ ଭଲ କାମ ତଥା ଅନ୍ୟମାନଙ୍କ ସେବା କରିଥିଲେ ତାହାର ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ପରଜନ୍ମରେ ନିର୍ଦ୍ଧାରିତ ହେବା ଥୟ। କେହି ଆମକୁ ଦେଖୁ ବା ନ ଦେଖୁ ଆମେ ହିଁ ଆମ ଜୀବନର ଜଣେ ବାସ୍ତବ ସାକ୍ଷୀ। ଏଣୁ ଜଣେ ସାକ୍ଷୀ ଭାବେ ଭଲମନ୍ଦ କର୍ମର ଋଣ ପରିଶୋଧ କରିବାକୁ ହେବ ଏବଂ ଭଲ କାମ କରି ପୁନର୍ଜନ୍ମରେ ସକାରାତ୍ମକ ଫଳପ୍ରାପ୍ତି ପାଇଁ ଚେଷ୍ଟା କରାଯିବା ଦରକାର।

-devduttofficial@gmail.com

## ଏଇ ଭାରତରେ

ଏବେ ଅନେକ ପିଲା ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବୁଛନ୍ତି। ହେଲେ ମୃତ୍ୟୁ ପରେ ଶୁଦ୍ଧିକର୍ମ କରିବା ପାଇଁ ଝଗଡ଼ା କରିବାଭଳି ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ଼ ଜିଲା ଲିଧୋରାତାଲ ଗାଁରେ। ପିତାଙ୍କ ଅନ୍ତିମ ସଂସ୍କାରବେଳେ ତାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଘଟଣାଟି ହେଉଛି, ତଳ ଲିଧୋରା ଗାଁର ୮୪ ବର୍ଷୀୟ ଧ୍ୟାନୀ ସିଂହ ତାଙ୍କ ସାନ ପୁଅ ଦାମୋଦରଙ୍କ ପାଖରେ ରହୁଥିଲେ। ଧ୍ୟାନୀଙ୍କର ମୃତ୍ୟୁ ହେବା ପରେ ଅନ୍ତିମ ସଂସ୍କାର ପାଇଁ ଦେଶରାଜ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଷନ ଆସି ଅନ୍ତିମ ସଂସ୍କାର କରିବାକୁ ଜିଦ୍ ଧରିଥିଲେ, ଯାହାପାଇଁ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏମିତିକି ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ଯାଏ କଥା ଯାଇଥିଲା। ଶେଷରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା ଏବଂ ସାନପୁଅଙ୍କୁ ଅନ୍ତିମ ସଂସ୍କାରର ଅଧିକାର ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୯ ମେ ୧୯୭୬

- ରାଜ୍ୟର ବିଶିଷ୍ଟ ହୋମିଓ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଅଭିନ୍ନ ଚନ୍ଦ୍ର ରାଓଙ୍କ ୭୮ ବର୍ଷ ବୟସରେ ପରଲୋକ।
- ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ବୋର୍ଡ ସହ ପରାମର୍ଶ କରି ଛାପାଖାନାର ୫ଟି ଶ୍ରେଣୀର କର୍ମଚାରୀମାନଙ୍କର ଦରମା ହାର ପରିବର୍ତ୍ତନ କରିଛନ୍ତି।
- ବିହାର ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପୂର୍ବାଞ୍ଚଳ ପରିଷଦର ଭାଇସଚେୟାରମ୍ୟାନ୍ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 2 | | |
| | | | 3 | | | | | 8 |
| 8 | | | | | | 5 | 1 | |
| | | | 9 | | 7 | | | |
| | 5 | 4 | | 1 | | | | |
| | 9 | | | 3 | | | | 6 |
| | 4 | | 7 | | | 8 | | 1 |
| | 6 | | | | 1 | 3 | 7 | |
| | | 3 | | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଠାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 6 | 4 | 3 | 5 | 1 | 9 |
| 3 | 4 | 5 | 8 | 9 | 1 | 2 | 7 | 6 |
| 6 | 9 | 1 | 5 | 2 | 7 | 3 | 8 | 4 |
| 9 | 5 | 3 | 4 | 8 | 6 | 1 | 2 | 7 |
| 2 | 7 | 8 | 9 | 1 | 5 | 6 | 4 | 3 |
| 4 | 1 | 6 | 7 | 3 | 2 | 8 | 9 | 5 |
| 5 | 6 | 9 | 2 | 7 | 8 | 4 | 3 | 1 |
| 8 | 3 | 7 | 1 | 5 | 4 | 9 | 6 | 2 |
| 1 | 2 | 4 | 3 | 6 | 9 | 7 | 5 | 8 |

ଗତକାଲିର ଉତ୍ତର

# ସାମ୍ବିଧାନିକ କ୍ଷମତାର ପ୍ରୟୋଗ



କିଶୋର ଚନ୍ଦ୍ର ବେହେରା

ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। କାର୍ଯ୍ୟପାଳିକା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବା ସହିତ ଅଦାଲତର ନିଷ୍ପତ୍ତିକୁ ପାଳନ କରିଥାଏ। ବିଶିଷ୍ଟ ରାଜନୀତିଜ୍ଞ ଗାର୍ଣ୍ଣର ମତପୋଷଣ କରନ୍ତି, "ବ୍ୟବସ୍ଥାପିକା ଓ ସମ୍ବିଧାନ ଦ୍ୱାରା ପ୍ରଣୀତ ଆଇନ ତଥା ନ୍ୟାୟାଳୟର ରାୟକୁ କାର୍ଯ୍ୟକାରୀ କରିଥାଏ ସରକାରଙ୍କ କାର୍ଯ୍ୟପାଳିକା ବିଭାଗ"। ଏହି ବିଭାଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବ୍ୟାବହାରିକ ଅର୍ଥରେ ସରକାର କହିଲେ କାର୍ଯ୍ୟପାଳିକା ହିଁ ବୁଝାଏ। କାର୍ଯ୍ୟପାଳିକା କହିଲେ ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି, ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ ଓ ଉଚ୍ଚ ଶାସନ କର୍ମଚାରୀଙ୍କୁ ବୁଝାଇଥାଏ। କିନ୍ତୁ ବିଶିଷ୍ଟ ଅର୍ଥରେ କାର୍ଯ୍ୟପାଳିକା ଉଭୟ ନୀତି ନିର୍ଦ୍ଧାରଣ ଓ ନୀତି କାର୍ଯ୍ୟକାରୀ ଶାସନକର୍ତ୍ତାଙ୍କୁ ବୁଝାଏ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ପ୍ରଶାସନିକ ସରକାରୀ କର୍ମଚାରୀ ସେଗୁଡ଼ିକ କାର୍ଯ୍ୟକାରୀ କରିଥାନ୍ତି। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ। ସେହିପରି ବିଚାରବିଭାଗ ଏହି ଆଇନ ଗୁଡ଼ିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ। ଭାରତୀୟ ସମ୍ବିଧାନ ଓ ନ୍ୟାୟିକ ବ୍ୟବସ୍ଥାରେ ଏକ ସୁଚିନ୍ତିତ ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ତାମିଲନାଡୁ ରାଜ୍ୟପାଳଙ୍କ ପ୍ରସଙ୍ଗରେ ଦେଇଥିବା ରାୟ ସମ୍ପର୍କିତ ୧୪ ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି। ସମ୍ବିଧାନର ଧାରା ୨୦୦, ୨୦୧ ଓ ୩୬୧କୁ ଉଲ୍ଲେଖ କରି ରାଜ୍ୟପାଳଙ୍କ ଇଚ୍ଛାଧୀନ ବ୍ୟାପାର ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବା କେତେଦୂର ନ୍ୟାୟସଙ୍ଗତ ସେ ସମ୍ପର୍କରେ ଅବଗତ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟକୁ ଚିଠି ଲେଖିଛନ୍ତି। ସମ୍ବିଧାନର ଧାରା ୧୪୩ ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ଏପ୍ରିଲରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଏବଂ କିଛି ରାଜନେତା ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ। ତାମିଲନାଡୁ ସରକାର ବିନା ରାଜ୍ୟପାଳଙ୍କ ସମ୍ମତିରେ ୧୦ଟି ବିଲ୍ ଗୃହୀତ କରିବା ପରେ ଆରମ୍ଭ ହୋଇଥିଲା ବିତର୍କର ଝଡ଼।

ସମ୍ବିଧାନର ଧାରା ୧୪୩ (୧) ଆଧାରରେ ଭାରତର ପ୍ରଥମ ନାଗରିକ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ଅନେକ ପ୍ରଶ୍ନରେ ନ୍ୟାୟିକ ବ୍ୟବସ୍ଥାକୁ ହରଡ଼ଘଣାରେ ପକାଇଦେଇଛନ୍ତି। ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ସାଧାରଣ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ଏହି ବିଲ୍ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି। ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି କି ରାଷ୍ଟ୍ରପତି ଏହି ବିଲ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ। ଏହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକଟ କରିବା ସହ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟଠାରୁ। ପ୍ରଥମ ପ୍ରଶ୍ନ ଯେତେବେଳେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପ ରହିଥାଏ? ଦ୍ୱିତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳ କୌଣସି ବିଲ୍ ଉପରେ ନିଷ୍ପତ୍ତି ନେବା ବେଳେ ମନ୍ତ୍ରିପରିଷଦଙ୍କ ପରାମର୍ଶ ଦ୍ୱାରା ବନ୍ଧା? ତୃତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ





ଚ୍ୟାଲେଞ୍ଜ କରାଯାଇପାରିବ? ଚତୁର୍ଥରେ ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ କ'ଣ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇପାରିବ? ପଞ୍ଚମରେ ଯଦି ସମ୍ବିଧାନରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ନାହିଁ ତାହାଲେ କ'ଣ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରିପାରିବେ? ଷଷ୍ଠରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ କ'ଣ ଅଦାଲତରେ ଚ୍ୟାଲେଞ୍ଜ କରିହେବ? ସପ୍ତମରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ମତାମତ ନେବା ବାଧ୍ୟତାମୂଳକ କି? ଅଷ୍ଟମରେ ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନରେ ଆସେ କି? ନବମରେ ଭାରତର ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କୌଣସି ପ୍ରକାରେ ବଦଳାଯାଇପାରିବ? ଦଶମରେ ରାଜ୍ୟପାଳଙ୍କ ଅନୁମୋଦନ ବିନା ମଧ୍ୟ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି? ଏକାଦଶରେ ଧାରା ୧୪୫(୩) ଅନୁଯାୟୀ ଏକ ସାମ୍ବିଧାନିକ ପ୍ରଶ୍ନର ବିଚାର କରିବା ପାଇଁ ସୁପ୍ରିମକୋର୍ଟରେ ସର୍ବନିମ୍ନ ପାଞ୍ଚ ଜଣିଆ ଖଣ୍ଡପୀଠ ଆବଶ୍ୟକ କି? ଦ୍ୱାଦଶରେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟରେ କ୍ଷମତା କେବଳ ପ୍ରକ୍ରିୟା ଯାଏ ସୀମିତ ନା ବିପରୀତ ଆଦେଶ ଜାରି କରାଯାଇପାରିବ? ତ୍ରୟୋଦଶରେ ସମ୍ବିଧାନ ତଥା ପ୍ରଚଳିତ ଆଇନ ସହିତ ଅସଙ୍ଗତ ନିର୍ଦ୍ଦେଶ ବା ଆଦେଶନାମା ସର୍ବୋଚ୍ଚ ନ୍ୟାୟାଳୟ ଦେଇ ପାରିବେ କି? ଶେଷରେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ପାଇଁ ସୁପ୍ରିମକୋଟଙ୍କ ଅନ୍ୟ କୌଣସି କ୍ଷମତା ଅଛି କି ବୋଲି ପ୍ରଶ୍ନ କରିଛନ୍ତି।

ରାଷ୍ଟ୍ରପତିଙ୍କ ଆପତ୍ତି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟ ବଦଳେଇପାରିବେ କି- ଏହି ପ୍ରଶ୍ନ କାର୍ଯ୍ୟପାଳିକା ପାଇଁ ବର୍ତ୍ତମାନ ଏକ ମୁଖ୍ୟ କାରଣ ରୂପେ ଠିଆ ହୋଇଛି। ଯଦି ଆମେ ଭାରତୀୟ ସମ୍ବିଧାନର ୧୪୩ (୧) କଥା ବିଚାର କରିବା ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସହ ପରାମର୍ଶ କରିପାରିବେ। ଏହି ମତାମତ ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହାର ଅନେକ ସାମ୍ବିଧାନିକ ମହତ୍ତ୍ୱ ରହିଛି। ଭିନ୍ନଭିନ୍ନ ସମୟରେ ରାଷ୍ଟ୍ରପତି ମାଗିଥିବା ମତାମତ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଦୁଇଥର ଜବାବ ଦେବାକୁ ମନା କରିଦେଇଥିଲେ। ୧୯୮୨ରେ ପାକିସ୍ତାନରୁ ଆସିଥିବା ପ୍ରବାସୀଙ୍କ ଥଇଥାନ ଆଇନ ଉପରେ ମତାମତ ଲୋଡ଼ାଯାଇଥିଲା, କିନ୍ତୁ ପରେ ସେହି ଆଇନ ପାରିତ ହୋଇ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା, ଯାହା ମତାମତକୁ ଅପ୍ରାସଙ୍ଗିକ କରିଦେଇଥିଲେ। ଦ୍ୱିତୀୟଟି ହେଲା ୧୯୯୩ରେ ରାମ ଜନ୍ମଭୂମି - ବାବ୍ରି ମସଜିଦ ବିବାଦରେ ମନ୍ଦିରର ପୂର୍ବ ସ୍ଥିତି ଉପରେ ମତାମତ ଲୋଡାଯିବାରୁ କୋର୍ଟ ଏହାକୁ ଧାର୍ମିକ ଓ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି କହି ଖାରଜ କରିଦେଇଥିଲେ। ୧୯୯୧ରେ କାବେରୀ ଜଳ ବିବାଦକୁ ନେଇ ଅଦାଲତ କହିଥିଲେ ଯେ, ରାୟ ପ୍ରକାଶ ପାଇବା ପରେ ସେହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ମତାମତ ନେବା ନ୍ୟାୟପାଳିକାର ମର୍ଯ୍ୟାଦା ବିରୋଧୀ। ସରକାର ଚାହିଁଲେ ରିଭ୍ୟୁ ପିଟିଶନ ଦାଖଲ କରିପାରିବେ, ଯାହା ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ବିଲ୍ ରାଜ୍ୟପାଳ କେଉଁ ପରିସ୍ଥିତିରେ ରଖୁଛନ୍ତି ବା ପ୍ରତ୍ୟାଖ୍ୟାନ କରୁଛନ୍ତି, ସେଥିରୁ ଏହି ପୂରା ଘଟଣା ସାମ୍ନାକୁ ଆସିଛି। ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ୧୦ଟି ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ। ଏହା କେନ୍ଦ୍ର - ରାଜ୍ୟ ସମ୍ପର୍କରେ ସନ୍ତୁଳନ ପ୍ରସଙ୍ଗ ଏବଂ ଏକ ସମୟସୀମା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଯୋଗୁ ସରକାର ଏହାକୁ ସାମ୍ବିଧାନିକ ଅସନ୍ତୁଳନ ବୋଲି କହିଥିଲେ। ଉପରାଷ୍ଟ୍ରପତି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏହିଭଳି ଆରୋପପ୍ରତ୍ୟାରୋପ ଲାଗି ରହିବ ତେବେ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ ବୋଲି ରାଷ୍ଟ୍ରନୀତିଜ୍ଞ ମତପୋଷଣ କରୁଛନ୍ତି।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

# ବର୍ଷଣ ଯୋଜନାର ଦୂଷଣ ଚିତ୍ର



କାଳିପ୍ରସାଦ ମହାପାତ୍ର

ଚାଲୁ ଚାଲୁ ପିଲାଦିନର ବିଦ୍ୟାଳୟ ଆଡ଼େ ଦିନେ ଚାଲିଗଲି। ପ୍ରଧାନ ଶିକ୍ଷୟିତ୍ରୀ ମୋ ବୃତ୍ତି, ବ୍ୟକ୍ତିତ୍ୱ ସମ୍ବନ୍ଧରେ ଭଲ ଭାବରେ ଅବଗତ। ନମସ୍କାର କରି ଆଦର କଲେ। ବିଦ୍ୟାଳୟର ନାନା ସମସ୍ୟା ଉପରେ ଗପି ଚାଲିଲେ। ପଚାରିଲି- ବିଦ୍ୟାଳୟର ପିଲା ସଂଖ୍ୟା କେତେ? କହିଲେ ୫୨। ଆଶ୍ଚର୍ଯ୍ୟ ହେଲି। ଶୁଣିଲି, ପାଖ ସ୍କୁଲ କେତୋଟିକୁ ଭାଙ୍ଗିଦେଇ ଏଇ ସ୍କୁଲରେ ମିଶାଇ ଦିଆଯାଇଛି। ସେଠିକାର ଆଠ, ନଅଟି ପିଲା ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଣି ଏଠି ଏକାଠି କରିଦିଆଯାଇଛି। ହେଲେ ଏଠି ବି ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି। କାରଣ ପଚାରିଲି। ପ୍ରଧାନ ଶିକ୍ଷୟିତ୍ରୀ କହିଲେ- "ସାର୍, ପିଲା କୁଆଡୁ ଆସିବେ? ଏବେ ତ କାହାର ଦୁଇଟି ପିଲା ବି ନାହାନ୍ତି। ସମସ୍ତଙ୍କର ସେଇ ଗୋଟିଏ। ସେ ଝିଅ ହେଉ ବା ପୁଅ। ଆଉ ସେ ଗୋଟିକୁ ନେଇ ସେମାନେ କୋଉ ଶିଶୁମନ୍ଦିର ବା ଇଂଲିଶ ମିଡ଼ିୟମରେ ନାମ ଲେଖାଉଛନ୍ତି। ତେଣୁ ପିଲା ଆମେ ପାଇବୁ କୋଉଠୁ?"

ଦେଖିଲି ବିଦ୍ୟାଳୟର ଭୌତିକ ଚିତ୍ର ମନ୍ଦ ନୁହେଁ। ବରଂ ଇନ୍ଦ୍ରଭବନୀୟ, ଆଖି ଝଲସା - ପର୍ଯ୍ୟାପ୍ତ ଘର, ପାଚେରି, ଗେଟ୍ ରାମ୍ପ, ପାଇଖାନା, କାନ୍ଥ ସବୁ ରଙ୍ଗାରଙ୍ଗ, ଚକାଚକ! ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର ସବୁ ଯଥେଷ୍ଟ ମହଜୁଦ। ପଚାରିଲି- ୭ଟା ଶ୍ରେଣୀରେ ପିଲା ସଂଖ୍ୟା ତ ଏତିକି, ହେଲେ ଶିକ୍ଷକ? "ପ୍ରଧାନ ଶିକ୍ଷୟିତ୍ରୀ କହିଲେ, ମୋତେ ମିଶାଇ ୪ ଜଣ।" ଆଶ୍ଚର୍ଯ୍ୟ ହେଲି- ପ୍ରଥମ ପିରିୟଡ୍‌ରେ ୭ଟା ଶ୍ରେଣୀକୁ ୭ ଜଣ ଶିକ୍ଷକ ନିହାତି ପ୍ରବେଶ କରିବା କଥା। ଏଠି ଏ ନିୟମ କେମିତି ହେଉଥିବ?

ସେଦିନ ସେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରୁ ଜଣେ ଟ୍ରେନିଂରେ ଯାଇଥିଲେ। ରିସେସ୍‌ରେ ପିଲାଏ ମଧ୍ୟାହ୍ନଭୋଜନ ଖାଇ ପଡ଼ିଆରେ ହୋହଲ୍ଲା, ମାର ଧର ହେଉଥାନ୍ତି। ରିସେସ୍ ଶେଷହେବା ପରେ ବି ଶ୍ରେଣୀକୁ ଯିବାର ଆତୁରତା ନ ଥାଏ। ଜଣେ ଶିକ୍ଷୟିତ୍ରୀ ଘରକୁ ଯିବାକୁ ଦରଖାସ୍ତଟିଏ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଢ଼ାଇଲେ। ଅନଧିକାର ତଥା ଆସୌଜନ୍ୟ ଜିଜ୍ଞାସା ପାଇଁ କ୍ଷମା ମାଗି ପଚାରିଲି- କ'ଣ ଘରକୁ ଯିବେ କି ଦିଦି? "ହଁ ସାର୍! ଆଜି ସଂକ୍ରାନ୍ତି ତ। ଘରେ ପୂଜା।" ମୋ ଭିତରଟା କେମିତି ହୁଙ୍କାରିଉଠିଲା। କହିଲି, "ଦେଖୁଛନ୍ତି, ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଆପଣ ୩ ଜଣଙ୍କ ଭିତରୁ ଜଣେ ଶିକ୍ଷକ ମୋ ଆଗେ ଆଗେ ଅଫିସ୍ କାମରେ ବାହାରିଗଲେ। ଜଣେ ପୂର୍ବରୁ ଟ୍ରେନିଂରେ ଅଛନ୍ତି। ଆପଣ ଏବେ ଘର ପୂଜା ପାଇଁ ଦିନ ଦୁଇଟା ପୂର୍ବରୁ ସ୍କୁଲ ଛାଡ଼ିବେ। ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟଟି ଚାଲିବ କେମିତି?" ଶିକ୍ଷୟିତ୍ରୀ ଜଣକ କହିଲେ- ସତ କଥା କ'ଣ କି ସାର୍! ଘରେ ମୋର ୭ ମାସର ଝିଅଟିଏ। ତା'ରି ପାଇଁ ଟିକେ ଦିଦିଙ୍କୁ କହି ଯାଉଛି। ଧର୍ମ ସଙ୍କଟରେ ପଡ଼ି ପାଟିରୁ ମୋର କିଛି ବାହାରିଲା ନାହିଁ। ସେତେବେଳକୁ ପ୍ରତି ଶ୍ରେଣୀରେ ପିଲାଏ ହାଟ ଭଳି ଘୋ ଘା ହେଉଥାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନିଜର ଅସହାୟତା ପଦାରେ ପଡ଼ିଯାଉଥିବା ଜାଣିପାରି କହିଲେ- ପିଲାଙ୍କୁ ମାଡ଼ ତ ଦୂରର କଥା, ଟିକେ ନାଲିଆଖି ଦେଖାଇପାରିବୁ ନାହିଁ।" ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁମତି ନେଇ ଗୋଟିଏ ଶ୍ରେଣୀକୁ ଗଲି। ଏକା ପ୍ରକୋଷ୍ଠରେ ଉଭୟ ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାଏ ବସିଥିଲେ। ସେମାନଙ୍କୁ କେତୋଟି ଶବ୍ଦ ଲେଖିବାକୁ ଡାକିଲି। ସମୁଦାୟ ତେରଟି ପିଲାଙ୍କ ମଧ୍ୟରୁ ଗୋଟିଏ ପିଲାର ଦଶଟି ଶବ୍ଦ ଠିକ୍ ଥିଲା। ଅନ୍ୟ ୧୨ ଜଣଙ୍କର ସମସ୍ତ ଶବ୍ଦ ଅଶୁଦ୍ଧ।

ଅଫିସ୍‌କୁ ଫେରି ଆସି ନୀରବରେ ବସି ପଡ଼ିଲି। ପ୍ରଧାନ ଶିକ୍ଷୟିତ୍ରୀ ଶୁଖିଲା ହସ ହସି ନିଜର ଅସହାୟତା, ସରକାରଙ୍କ ନୂତନ ଶିକ୍ଷାନୀତିରେ ଏକାଧିକ ଯୋଜନା କଥା କହି ନିଜେ ପ୍ରକୋଷ୍ଠ ପ୍ରକୋଷ୍ଠ ବୁଲି ଝରକା କବାଟ ଦେଉଥିଲେ। ଏହି ସମୟରେ ଛୁଟି ଦରଖାସ୍ତ ଦେଇଥିବା ଶିକ୍ଷୟିତ୍ରୀ ଜଣଙ୍କର ଦରଖାସ୍ତଟି (ଇଂରାଜୀରେ) ଉପରେ ମୋ ଦୃଷ୍ଟିରେ ପଡ଼ିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦାୟ ୭ - ୮ ଟି ଧାଡ଼ି ପାଞ୍ଚଟି ଅଶୁଦ୍ଧ ଶବ୍ଦ ସହିତ ମାରାତ୍ମକ ବ୍ୟାକରଣଗତ ତ୍ରୁଟି ସବୁ ଥିଲା। ତାହାକୁ ଦେଖି କାହାକୁ କିଛି ନ କହି ଉଠିବାର ଉପକ୍ରମ କରୁଥିଲି।

ଆଖିକୁ ଅସୁଖ ଲାଗୁଥିଲା ପିଲାମାନଙ୍କ ଅଶୁଦ୍ଧ ଶବ୍ଦ, ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଇଂରାଜୀ ଦରଖାସ୍ତ ଏବଂ ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳିତ ଆଚରଣ। ମନେପଡ଼େ ଆମ ପିଲାଦିନ। ସେତେବେଳର ଅର୍ଥାତ୍ ୫୦/୬୦ ବର୍ଷ ତଳର ଧୋତି, ମୁଣ୍ଡ ଗଳା ଶାର୍ଟ ଆଉ କାଖରେ ଛତା ଜକା, ଖାଲି ପାଦର ବୁଢ଼ା ବୁଢ଼ା ଆମ ସାର୍‌ମାନଙ୍କ କଥା। ସରକାରୀ ଯୋଜନାର ନାମଗନ୍ଧ ନ ଥିବା ସେ ସରୁ ବେତ ଖଣ୍ଡିକରେ କେତେ ସତେ କରାମତି ନ ଥିଲା! ଶିକ୍ଷା, ଶୃଙ୍ଖଳା, ସଂଯମ, ଚରିତ୍ରବତ୍ତା, ଅନୁଜ୍ଞା ସହ ବିଦ୍ୟାଳୟର କଞ୍ଚା ବାଡ଼, ଲିପାପୋଛାର ମାଟି କାନ୍ଥ ଖଣ୍ଡିକ ବି କମ୍ ଜ୍ଞାନଗୁମ୍ଫିତ, ସଂସ୍କାର ସଞ୍ଚାରୀ କାରଖାନାଟିଏ ନ ଥିଲା ସତେ।

ମୋ:୯୭୭୭୦୧୯୫୬୨

## ଚିରନ୍ତନୀ

କି ଆନନ୍ଦ ନିହିତ ସେ
ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ
ଶିଶୁର ସୁହାସେ!

-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଲା ଅନୁଷ୍ଠାନକୁ ସହାୟତା ମିଳୁ

ମହାଶୟ,

ପାଲା ଅନୁଷ୍ଠାନଗୁଡ଼ିକ ଏବେ ଅର୍ଥାଭାବ ସ୍ଥିତିର ସମ୍ମୁଖୀନ ହେଲେଣି। ଏଣୁ ପୁରାତନ ପାଲା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସରକାରୀ ସହାୟତା ମିଳୁ। ୫୦ବର୍ଷରୁ ଊର୍ଦ୍ଧ୍ୱ ଅନୁଷ୍ଠାନକୁ ଚିହ୍ନଟ କରାଯାଉ। ଏବେ ପରିସ୍ଥିତି ଏମିତି ହେଲାଣି ଯେ, ବାଦୀପାଲା ପରିବର୍ତ୍ତେ ଏକକ ପାଲା ମାତ୍ର ୭ଦିନ ପରିବର୍ତ୍ତେ ୩ଦିନ କରାଯାଉଛି। ଅନୁଷ୍ଠାନଗୁଡ଼ିକ ଆର୍ଥିକ ସହାୟତା ପାଇଲେ ପରିଚାଳନା କରିବା ସହଜ ହେବ। ଏହାସହ ୫୦ବର୍ଷରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ସୁରକ୍ଷିତ ହୋଇପାରିବ। ଏଥିପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡ଼ୁ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁନ୍ ୧୨ରେ ରିପୋର୍ଟ କାର୍ଡ ଦେବେ ସରକାର

## ୩୧ ସୁଦ୍ଧା ୧୨ ନୀତି ଚୂଡ଼ାନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)

ଆସନ୍ତା ଜୁନ୍ ୧୨ରେ ରାଜ୍ୟ ଭାଜପା ସରକାରର ପ୍ରଥମ ବର୍ଷ ପୂର୍ତ୍ତି ହେବ। ଏହି ଉପଲକ୍ଷେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଉତ୍ସବ ଆୟୋଜନ ପାଇଁ ଯୋଜନା ଚାଲିଛି। ଜୁନ୍ ୧୦ରେ ଉତ୍ସବର ପ୍ରଥମ ପର୍ବ ରୂପେ 'ସମୃଦ୍ଧ ଓଡ଼ିଶା' ସେମିନାର କରାଯିବ। ୧୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରିବେ। ଏହାପରେ ନାରୀଶକ୍ତି, ଯୁବଶକ୍ତି, ଚାଷୀ ଓ ଆଦିବାସୀ ଆଦି ସମାବେଶ କରାଯିବ। ଏହାକୁ ନେଇ ଚଳିତ ମାସ ୨୨ରେ ଦୁଇଟି ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୁଧବାର ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ପୃଥକ୍ ବୈଠକ ଅନୁଷ୍ଠିତ ହେବା ସହ ସରକାରଙ୍କୁ ରିପୋର୍ଟ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଏହାସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା 'ସୁଭଦ୍ରା'ଠାରୁ ଆରମ୍ଭକରି ଆୟୁଷ୍ମାନ୍ ଭାରତ ଯୋଜନା ଏବଂ ଗୋଟିଏ ବର୍ଷ ମଧ୍ୟରେ ନୂଆ ସରକାର କରିଥିବା ଅନ୍ୟାନ୍ୟ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ରହିଛି।

ତଥ୍ୟ ଅନୁଯାୟୀ, ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭକରି ବିଭିନ୍ନ ଜିଲାରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯିବ। ନାରୀଶକ୍ତିକୁ ସମର୍ପିତ ଶୀର୍ଷକ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜୁନ୍ ୧୩ରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବ। ସେହିପରି ଜୁନ୍ ୧୮ରେ ଢେଙ୍କାନାଳରେ 'ଯୁବଶକ୍ତି' ଏବଂ ୧୯ରେ ମୟୂରଭଞ୍ଜରେ 'ଆଦିବାସୀ ଶକ୍ତି' ଉପରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହି ଅବସରରେ ୧୨ଟି ନୀତି ଚୂଡ଼ାନ୍ତ କରି ଚଳିତମାସ ଶେଷସୁଦ୍ଧା ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୀତିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯିବା ସହିତ ନୀତିଗୁଡ଼ିକର ତାଲିକା ଯୋଜନା ଓ ସମନ୍ୱୟ ବିଭାଗକୁ ପଠାଇବାକୁ କୁହାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟ ଉତ୍ସବ ଜୁନ୍ ୧୨ରେ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୨୦ରେ ବରଗଡ଼ରେ କୃଷକମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଉପଲକ୍ଷେ ଉତ୍କଳ ପ୍ରସଙ୍ଗ (ଓଡ଼ିଆ) ଏବଂ ଓଡ଼ିଶା ରିଭ୍ୟୁ(ଇଂଲିଶ)ର ବିଶେଷ ସଂସ୍କରଣ ପ୍ରକାଶ ପାଇବ। ଜୁନ୍ ୧୨ରୁ ୧୯ ମଧ୍ୟରେ ପ୍ରତ୍ୟେକ ବ୍ଲକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ବିସ୍ତାର କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି କୁହାଯାଇଛି।

# ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ ଯୋଜନାକୁ ବିରୋଧୀଙ୍କ ଟାର୍ଗେଟ

- ଏମାନେ ଉତ୍ସବ କରନ୍ତୁ, ଆମେ ଏମାନଙ୍କ ବିଫଳତା ଗଣିବୁ: ଭକ୍ତ
- ଏମାନଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ: ପ୍ରସନ୍ନ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାର ତାଙ୍କ ବର୍ଷପୂର୍ତ୍ତି ଉତ୍ସବ ବଡ଼ ଧରଣରେ ପାଳନ କରିବାକୁ ଯାଉଛନ୍ତି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନହେବାକୁ ଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ଏନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଗତ ବର୍ଷକ ମଧ୍ୟରେ ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ବିରୋଧୀ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭାଜପା ସରକାର ସବୁବେଳେ ଉତ୍ସବ କରିଆସିଛନ୍ତି। ଏ ସରକାର ବି ସେହିଭଳି। ଉତ୍ସବ, ପ୍ରଚାର ସବୁକିଛି କରାଯାଉ ହେଲେ ନାରୀର ସମ୍ମାନ, ସୁଭଦ୍ରାକୁ ନ୍ୟାୟଦେବା ଲାଗି ସବୁକିଛି କରନ୍ତୁ। ଏମାନେ ଉତ୍ସବ କରନ୍ତୁ, କଂଗ୍ରେସ ଏମାନଙ୍କ ଗୋଟିଏ ଗୋଟିଏ କରି ସବୁ ବିଫଳତା ଗଣିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଦିନ ଓଡ଼ିଶା ଆସିବେ ସେଦିନ ସୁଭଦ୍ରା ନ୍ୟାୟ ପାଇବେ। ସେମାନେ ନିର୍ବାଚନ ପୂର୍ବରୁ କେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ କ'ଣ ସବୁ ପାଳନ କରିଛନ୍ତି ତା'ର ହିସାବ ମଗାଯିବ। ପ୍ରଧାନମନ୍ତ୍ରୀ ଆସିବା ଦିନ ରାଜ୍ୟରେ ହଜାର ହଜାର ସୁଭଦ୍ରା ନ୍ୟାୟ ମାଗିବାକୁ ରାସ୍ତାକୁ ଆସିବେ ବୋଲି ଭକ୍ତ କହିଛନ୍ତି।

ବରିଷ୍ଠ ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ବର୍ଷ ତମାମ କେବଳ ଉତ୍ସବ ପାଳିବାରେ ମସ୍‌ଗୁଲ ଅଛନ୍ତି, କାର୍ଯ୍ୟ କ୍ଷେତ୍ରରେ ଶୂନ୍। ସରକାରର ପ୍ରଥମ ବର୍ଷରେ ସଫଳତା ବୋଲି କିଛି ନାହିଁ। ରାଜ୍ୟର ଆଇନକାନୁନ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ବିଜେଡି ସରକାର ସମୟରେ ଗ୍ରାମାଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା କାମଗୁଡିକ ଠପ୍ ହୋଇଯାଇଛି। ବିକାଶମୂଳକ କାର୍ଯ୍ୟ ଜମାରୁ ହେଉନାହିଁ। କେନ୍ଦ୍ରୀୟ ଯୋଜନାରେ ଆସୁଥିବା ଅନୁଦାନ ମଧ୍ୟ କମିଯାଇଛି। ବଜେଟ ଅର୍ଥ କ୍ଷେତ୍ରୀୟସ୍ତରରେ ଏ ସରକାର ଖର୍ଚ୍ଚ କରିପାରିନାହାନ୍ତି। ଗୋଟି ଗୋଟି କରି ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଏ ସରକାର ରାଜ୍ୟବ୍ୟାପୀ ଯେଉଁ ଉତ୍ସବ ପାଳନ କରିବାକୁ ଯାଉଛନ୍ତି ଏହା ନିରୁତ୍ସାହ। ସେମାନେ ସଫଳତା ନୁହେଁ ବିଫଳତାର ଉତ୍ସବ ପାଳନ କରିବା ଦରକାର। ଯଦି ସେମାନେ ବିଫଳତାର ପ୍ରଚାରକରିବେ ନାହିଁ ତେବେ ସଫଳତା ଆସିଲା କେଉଁଠୁ। ଏମାନଙ୍କ ସଫଳତା ବୋଲି କିଛି ନାହିଁ। କେବଳ ରଙ୍ଗ ବଦଳାଇବେ, ଯୋଜନାର ନାଁ ପରିବର୍ତ୍ତନ କରିବା ଛଡ଼ା ଆଉ କିଛି ଜାଣିନାହାନ୍ତି ବୋଲି ତାରା କହିଛନ୍ତି।

# ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି

## ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା



ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି ସାମଲ।

ଭଦ୍ରକ,୨୮।୫ (ସନାତନ ରାଉତ/ ରବିନାରାୟଣ ଖିଲାର)

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ବୁଧବାର ବିଜେଡି ଛାଡ଼ିଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତେବେ କୌଣସି ଦଳରେ ନ ରହି ସାଧାରଣ ଲୋକଙ୍କ ସେବା ଜାରି ରଖିବେ ବୋଲି ଅପରାହ୍ନ ୪ଟାରେ ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି କହିଛନ୍ତି।

ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଗଠନ କରିବା ପରଠାରୁ ବିଜେଡିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରୟାସକାନ୍ତିଙ୍କୁ ନେଇ ଚର୍ଚ୍ଚା ଚାଲିଥିଲା। ସେ ଭାଜପା ସହ ଯୋଗାଯୋଗରେ ରହୁଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଥିଲା। ସବୁ ଆଲୋଚନାର ଅନ୍ତ ଘଟାଇ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସେ ସୂଚନା ଦେଇଛନ୍ତି। ବାପା ଓ ସାନଭାଇ ବିଜେଡିରେ ଅଛନ୍ତି। ଗୋଟିଏ ପରିବାରର ୩ଜଣ ଗୋଟିଏ ଦଳରେ ରହିବା ଉଚିତ୍ ମନେ ନ କରି ସେ ଇସ୍ତଫା ଦେଇଛନ୍ତି। ବିଜେଡି ତାଙ୍କୁ ରାଜନୈତିକ ପରିଚୟ ଦେଇଥିବାରୁ ସେ କୃତଜ୍ଞ। ବର୍ତ୍ତମାନ କୌଣସି ରାଜନୈତିକ ଦଳରେ ଯୋଗଦେବା ନେଇ ନିଷ୍ପତ୍ତି ନେଇନାହାନ୍ତି। ଦଳ ଛାଡ଼ିବା ସମ୍ପର୍କରେ ସେ ତାଙ୍କ ବାପାଙ୍କୁ ଅବଗତ କରିନାହାନ୍ତି। ଖୁବ୍‌ଶୀଘ୍ର ବାପାଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ୨୦୦୨ରୁ ସେ ବିଜେଡିରେ ରହିବା ସହ ୨୦୦୩ରେ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଥିଲେ। ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ପ୍ରୟାସକାନ୍ତିଙ୍କ ଇସ୍ତଫାକୁ ନେଇ ଭଦ୍ରକ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସମେତ ଭଦ୍ରକ ନିର୍ବାଚନମଣ୍ଡଳୀରେ ତାଙ୍କର ବହୁ ଅନୁଗତ, ସହଯୋଗୀ ରହିଛନ୍ତି। ସେ ଇସ୍ତଫା ଦେବା ପରେ ତାଙ୍କ ସହଯୋଗୀମାନେ ବିଜେଡି ପାଇଁ ସକ୍ରିୟ କାର୍ଯ୍ୟ କରିବେ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଜଣେ ଦୃଢ଼ ସଙ୍ଗଠକ ଭାବେ ପରିଚିତ ପ୍ରୟାସକାନ୍ତିଙ୍କ ଇସ୍ତଫା ବିଜେଡିରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ୫୮.୫୦ ଲକ୍ଷ ହେକ୍ଟର ଜମିରେ ଫସଲ ଲକ୍ଷ୍ୟ

**ଖରିଫ ୨୦୨୫**

୪ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇବେ ସରକାର

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ, ଯାହା ଚାଷୀଙ୍କୁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ ୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ଏଥିରେ ପ୍ରମୁଖ ଭାବେ ମଧ୍ୟମ, କ୍ଷୁଦ୍ର-ବୃହତ୍ ଉଠା ଜଳସେଚନ ଇତ୍ୟାଦି ସହ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲକରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କୁଇଣ୍ଟାଲ ଉଚ୍ଚ ଗୁଣବତ୍ତାସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମ୍ଓପି, ଏନ୍‌ପିଏକେଏସ୍ ଯୋଗାଇ ଦିଆଯିବ। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଜଗନ୍ନାଥ ମନ୍ଦିରକୁ କୋଠଭୋଗ ଓ ମହାପ୍ରସାଦ ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ପାଖାପାଖି ୧୧୫୨ଟି କୃଷି ଉଦ୍ୟୋଗକୁ ୧୬୦ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଏବଂ ଗତବର୍ଷ ତୁଳନାରେ ପ୍ରାୟ ଦେଢ ଗୁଣ ଅଧିକ। କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଇନ୍‌ପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ୍, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

# ଖୁବ୍‌ଶୀଘ୍ର ୭ ନୂଆ ଏନ୍‌ଏସି ନେଇ ଘୋଷଣା: ମନ୍ତ୍ରୀ

- ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ ରିପୋର୍ଟ ଦେଇସାରିଲେଣି
- ବର୍ଷପୂର୍ତ୍ତି ଉତ୍ସବରେ ଏନେଇ ହୋଇପାରେ ଘୋଷଣା

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ରାଜ୍ୟର ଭାଜପା ସରକାର ଆସନ୍ତା ୧୨ ତାରିଖରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ଏଥିଲାଗି ସରକାରୀ ସ୍ତରରେ ବଡ଼ ଧରଣର ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇଯାଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ କରିବା ନେଇ ସଚିବମାନଙ୍କ ସ୍ତରରେ ଏକ ପ୍ରକାର ଏଜେଣ୍ଡା ସ୍ଥିର ହୋଇସାରିଲାଣି। ତେବେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ପାଳନ ସମୟରେ ସରକାର କେତେକ ବଡ଼ ଧରଣର ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହି ଅବସରରେ ରାଜ୍ୟରେ ୭ଟି ନୂଆ ଏନ୍‌ଏସି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିପାରନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ଜନସାଧାରଣ କିମ୍ବା ଲୋକପ୍ରତିନିଧିମାନେ ଯେଉଁସବୁ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେବା ଲାଗି ଦାବି କରିଥିଲେ ତା'ର ତଥ୍ୟ ନଗର ଉନ୍ନୟନ ବିଭାଗ ନିକଟକୁ ଆସିଥିଲା। ଏହାପରେ ଏ ସମ୍ବନ୍ଧରେ ଅଧିକ ତର୍ଜମାକରି ଏନ୍‌ଏସି ହେବା ଲାଗି ଉକ୍ତ ଅଞ୍ଚଳଗୁଡ଼ିକ ସବୁ ପ୍ରକାର ନିୟମ ପାଳନ କରୁଛନ୍ତି ନା ନାହିଁ ତା'ର ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳମାନଙ୍କୁ ତଥ୍ୟ ମଗାଯାଇଥିଲା। ଜିଲାପାଳମାନେ ମଧ୍ୟ ଏହାର ରିପୋର୍ଟ ସଂଗ୍ରହକରି ନଗର ଉନ୍ନୟନ ବିଭାଗକୁ ପଠାଇଥିଲେ। ଏହାପରେ ଉକ୍ତ ରିପୋର୍ଟ ପଞ୍ଚାୟତିରାଜ ବିଭାଗ ନିକଟକୁ ପଠାଇ ଦିଆଯାଇଛି। ପଞ୍ଚାୟତିରାଜ ବିଭାଗ ମଧ୍ୟ ତର୍ଜମା କରିସାରିବା ପରେ ଏହାକୁ ନଗର ଉନ୍ନୟନ ବିଭାଗକୁ ପଠାଇ ଦିଆଯାଇଛି। ଏହାର ତର୍ଜମା ସରିବା ପରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ୭ଟି ଏନ୍‌ଏସି ଘୋଷଣା ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ଆହୁରି ଏନ୍‌ଏସି ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି।

# ଖଟିଆରେ ବୁହାହେଲେ ଗର୍ଭବତୀ, ନବଜାତକ ମୃତ

ଝରିଗାଁ,୨୮।୫(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଇଛାପୁର ପଞ୍ଚାୟତ ଡୁମୁଣିଗୁଡ଼ା ଗ୍ରାମ ବିମଳା ଜାନୀଙ୍କ ବୁଧବାର ଅପରାହ୍ନରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗାଁକୁ ରାସ୍ତା ନ ଥିବାରୁ ତାହା ଦେଢ଼ କିମି ଦୂରରେ ଅଟକିଥିଲା। ଗ୍ରାମବାସୀ ବିମଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଲେ। ଆମ୍ବୁଲାନ୍ସ ମଧ୍ୟରେ ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ।


**Government of Odisha**
**Higher Education Department**
No. N-54

MUKHYAMANTRI RESEARCH FELLOWSHIP-2025-26 UNDER MRIP
************
Timeline for Registration of Ph.D. Applicants under SAMS for the State Public Universities

The timeline for **the Registration of Ph.D. Applicants** for the session 2025-26 in the State Public Universities under the Higher Education Departments as well as other Departments of the Government of Odisha, through the project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer to the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 29-May-2025 (Thursday) **(04:00 PM)** |
| 2 | Last date of applying online CAF through www.samsodisha.gov.in | 24-Jun-2025 (Tuesday) **(11.45 PM)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 25-Jun-2025 (Wednesday) **(10.00 AM to 11.45 PM)** |
| 4 | Submision of applicant's data to Odisha State Higher Education Council (OSHEC) by OCAC | 03-July-2025 (Thursday) |
| 5 | Document Verification for the candidates by Odisha State Higher Education Council (OSHEC) | Dates will be notified by the Higher Education Department Later |

For more details please contact: e-Admission Helpline (Toll Free) Number 155335 / 1800-345-6770

**N.B.:** To enroll into the MRF, the candidates must be a permanent resident of Odisha. The candidates may complete the required Pre Ph.D. course work at any of the State Universities of Odisha or outside Odisha, but must have registered under an approved research guide at any of the state public universities of Odisha.

OIPR-11001/11/0056/2526 Sd./- Deputy Director, PTC Section



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack - 753015, Odisha
[Accredited by NAAC]

**Advertisement for Teaching Positions at NLUO**
**Advt No.: NLUO/FR-001/29.05.2025**

| Sl. No. | Position | Subject | No. of Posts | Reservation | Pay Level/ Details | Nature of Appointment |
|---|---|---|---|---|---|---|
| 1 | Assistant Professor (Contractual) | English | 1 | UR | Consolidated Salary of Rs. 50,000/- P.M. | One year Contract |
| 2 | Assistant Professor (Contractual) | Political Science | 1 | UR | Consolidated Salary of Rs. 50,000/- P.M. | One year Contract |
| 3 | Guest Faculty | Indian Legal System, Advocacy for Marginalized Communities, Access to Justice, Legal Drafting, Equality and Inclusiveness, Social Entrepreneurship, IT Expertise I, Case Knowledge Management | 08 (One each) | UR | Rs. 1500/- Per class | Purely temporary for one semester |

The interested and eligible candidates are to apply by using the available details on the Career section of the University website www.nluo.ac.in latest by **10.06.2025 by 5.00 P.M.**

**Note:**
1. The filled-in application form along with the relevant documents, all proof of qualifications, experiences and required Demand Draft should reach the Registrar, National Law University Odisha, Kathjodi Campus, C.D.A., Sector-13, Cuttack-753 015 on **10.06.2025** by **5.00 P.M.**
2. Only short-listed candidates will be called for Interview.
3. No TA/DA will be given for attending the Interview.
4. For any updates please visit University website regularly, no separate communication will be made to the candidates.

**Sd/- Registrar**



**भारतीय रिज़र्व बैंक**
**RESERVE BANK OF INDIA**
www.rbi.org.in

**भारतीय रिज़र्व बैंक द्वारा विनियमित संस्थाओं, के विरुद्ध शिकायतों का निवारण**

**रिज़र्व बैंक - एकीकृत ओम्बड्समैन योजना (आरबी-आईओएस)**

- रिज़र्व बैंक ने अपनी सभी विनियमित संस्थाओं को उनके ग्राहकों से प्राप्त शिकायतों का समाधान करने हेतु अपने स्तर पर एक व्यवस्था बनाए रखने का आदेश दिया है, जिसे विनियमित संस्थाओं का आंतरिक शिकायत निवारण तंत्र माना जाता है।
- रिज़र्व बैंक ने, रिज़र्व बैंक - एकीकृत ओम्बड्समैन योजना, 2021 (आरबी-आईओएस) के माध्यम से अपनी विनियमित संस्थाओं द्वारा प्रदान की गई सेवाओं में कमियों से संबंधित ग्राहक शिकायतों के समाधान के लिए एक त्वरित और नि:शुल्क वैकल्पिक शिकायत निवारण तंत्र भी स्थापित किया है।
- बैंकों, गैर-बैंकिंग वित्तीय कंपनियों (एनबीएफसी), भुगतान प्रणाली प्रतिभागियों (पीएसपी) और साख सूचना कंपनियों (सीआईसी) को शिकायत निवारण तंत्र के तहत विनियमित संस्थाओं के रूप में माना जाता है।
- किसी भी विनियमित संस्था के विरुद्ध सभी शिकायतों के लिए आरबी-आईओएस ''एक राष्ट्र एक ओम्बड्समैन'' दृष्टिकोण अपनाता है। अत: शिकायतकर्ता के लिए अब यह जानना आवश्यक नहीं है कि उसे किस ओम्बड्समैन योजना/कार्यालय के तहत ओम्बड्समैन के पास शिकायत दर्ज करानी चाहिए।
- आरबी-आईओएस के अंतर्गत नहीं आने वाली विनियमित संस्थाओं के विरुद्ध शिकायतों का समाधान भारतीय रिज़र्व बैंक के उपभोक्ता शिक्षण और संरक्षण कक्षों (सीईपीसी) द्वारा किया जाता है।
- आरबी-आईओएस और सीईपीसी के दायरे में आने वाली संस्थांओं की सूची https://cms.rbi.org.in पर देखी जा सकती है।

**अगर आपको शिकायत हो तो क्या करें?**

आप विनियमित संस्थाओं के विरूद्ध उसकी शाखा में या शिकायत निवारण पोर्टल पर ऑनलाइन या उसकी वेबसाइट पर बताए गए किसी अन्य तरीके से शिकायत दर्ज करा सकते हैं। शिकायत की पावती प्राप्त करें या संदर्भ संख्या सुरक्षित रखें।

**आरबीआई ओम्बड्समैन से संपर्क कब करें?**

आप निम्नलिखित मामलों में आरबीआई ओम्बड्समैन से संपर्क कर सकते हैं:
- **विनियमित संस्थाओं से 30 दिन के भीतर कोई उत्तर प्राप्त नहीं होने पर –** विनियमित संस्थाओं को की गई आपकी शिकायत की तारीख से एक वर्ष और 30 दिन के भीतर कभी भी।
- **विनियमित संस्थाओं से प्राप्त उत्तर असंतोषजनक है –** संबंधित विनियमित संस्थाओं से उत्तर प्राप्त होने के एक वर्ष के भीतर कभी भी।

**ध्यान दें:**
- आरबी-आईओएस में निर्दिष्ट शिकायत फार्म के अनुसार सभी अपेक्षित विवरण/जानकारी शिकायत में शामिल होनी चाहिए।
- शिकायत किसी अन्य मंच (जैसे न्यायालय) में निपटाई गई/लंबित नहीं होनी चाहिए या आरबीआई ओम्बड्समैन द्वारा पहले निपटाई नहीं गई हो।
- **विनियमित संस्था से संपर्क किए बिना आरबीआई ओम्बड्समैन के पास सीधे शिकायत दर्ज कराने पर उसे अस्वीकार किया जा सकता है।**

**आरबीआई के पास शिकायत कैसे दर्ज करें?**

विनियमित संस्थाओं के विरुद्ध कोई भी शिकायत निम्न किसी भी माध्यम द्वारा दर्ज की जा सकती है:
- आरबीआई के शिकायत प्रबंध प्रणाली (सीएमएस) पोर्टल https://cms.rbi.org.in के माध्यम से ऑनलाइन।
- आरबी-आईओएस के अनुबंध में निर्दिष्ट फॉर्म में भौतिक शिकायत (पत्र/डाक) ''केंद्रीकृत प्राप्ति और प्रसंस्करण केंद्र, चौथी मंजिल, भारतीय रिज़र्व बैंक, सेक्टर -17, सेंट्रल विस्टा, चंडीगढ़ - 160017'' को प्रेषित की जा सकती है।

**आरबीआई के पास शिकायत दर्ज करने के बारे में अधिक जानकारी कैसे प्राप्त करें?**

अधिक जानकारी के लिए आप आरबीआई संपर्क केंद्र के टोल-फ्री नंबर 14448 पर संपर्क कर सकते हैं। इंटरएक्टिव वॉयस रिस्पांस सिस्टम (आईवीआरएस) युक्त संपर्क केंद्र 24x7 उपलब्ध है, जबकि संपर्क केंद्र कर्मियों से अंग्रेजी, हिंदी और दस क्षेत्रीय भाषाओं (असमिया, बंगाली, गुजराती, कन्नड़, मलयालम, मराठी, ओडिया, पंजाबी, तेलुगु और तमिल) में बात करने की सुविधा राष्ट्रीय अवकाशों को छोड़कर सोमवार से शनिवार सुबह 8:00 बजे से रात 10:00 बजे के बीच उपलब्ध है।

**अधिक जानकारी के लिए**

कृपया देखें:
भारतीय रिज़र्व बैंक - एकीकृत ओम्बड्समैन योजना, 2021 पर अक्सर पूछे जाने वाले प्रश्न -
https://www.rbi.org.in/hindi/Scripts/Faqs.aspx?did=56
या
सीएमएस पोर्टल - https://cms.rbi.org.in

## ବ୍ୟାସନଗର ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ଯାଜପୁରରୋଡ୍,୨୮।୫(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରପରିଷଦରେ ନୂତନ ନିର୍ବାହୀ ଅଧିକାରୀଭାବେ ପ୍ରଦୀପ କୁମାର ପାଢ଼ୀ ବୁଧବାର ଯୋଗ ଦେଇଛନ୍ତି। ଏଠାରେ ନିର୍ବାହୀ ଅଧିକାରୀ ପଦବୀ ଦୀର୍ଘ ଦିନହେବ ଖାଲିପଡ଼ିଥିଲା। ଫଳରେ ସହରର ବିକାଶଧାରା ଆଗେଇ ପାରୁ ନ ଥିଲା। ଏହି ପଦବୀ ପୂରଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ବିଭାଗ ଚିଠି ନଂ.୧୧୯୬୪/୨୭-୫-୨୦୨୫ରେ ଓଡ଼ିଶା ରାଜସ୍ୱ ସେବାରେ ଥିବା ପାଢ଼ୀଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ସମସ୍ତଙ୍କ ସହଯୋଗରେ ସେ ସହରର ବିକାଶକୁ ପ୍ରାଥମିକତା ଦେବେ ବୋଲି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ସେ ମୟୂରଭଞ୍ଜ ଜିଲାର ଖୁଣ୍ଟାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

# କ୍ରୋମାଇଟ୍ ଚାଲାଣ ବେଳେ ବନ ବିଭାଗର ଚଢ଼ାଉ

**ଧରିତ୍ରୀର ପ୍ରଭାବ**

- ବ୍ୟାକଲୋଡର, ହାଇୱା ଜବତ
- ଆଗୁଆ ସୂଚନା ପାଇ ଚାଲାଣକାରୀ ଫେରାର

ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହନ୍ତ),୨୮।୫ : ଯାଜପୁର ଜିଲାର ରତ୍ନଗର୍ଭା ସୁକିନ୍ଦା ବ୍ଲକ ଭୀମଟାଙ୍ଗର ଗ୍ରାମ ନିକଟ ଏକ ବନ୍ଦ ଖଣିରୁ କ୍ରୋମାଇଟ୍ ଲୁଟ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ବୁଧବାର ଭୋର ୩ଟା ସମୟରେ ଚଢାଉ ହୋଇଛି। ଏଥିରେ ବ୍ୟାକଲୋଡର ଓ କ୍ରୋମାଇଟ ଭର୍ତ୍ତି ହାଇୱା ଗାଡ଼ି ଜବତ ହୋଇଥିବାବେଳେ ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। କ୍ରୋମାଇଟ ଲୁଟରେ ବ୍ୟବହାର ହେଉଥିବା ଏହି ଦୁଇ ଗାଡ଼ି ସୁକିନ୍ଦାର ଜଣେ ବ୍ୟବସାୟୀଙ୍କ ବୋଲି ସୂଚନା ମିଳିଛି। ସେହି ଗାଡ଼ି ମାଲିକଙ୍କୁ ଗିରଫ କରି ତଦନ୍ତ କରାଗଲେ ଦୀର୍ଘ ମାସ ଧରି ଅନେକ କୋଟି ଟଙ୍କାର କ୍ରୋମାଇଟ୍ ଚାଲାଣକାରୀଙ୍କ ପର୍ଦ୍ଦାଫାସ ହୋଇ ପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ଗତ ୨୧ ତାରିଖରେ ଧରିତ୍ରୀରେ ବନ୍ଦ ଖଣିରୁ ଚାଲିଛି କ୍ରୋମାଇଟ ଲୁଟ ଶୀର୍ଷକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କ୍ରୋମାଇଟ୍ ଚାଲାଣକାରୀମାନେ ଭିମଟାଙ୍ଗର ବନ୍ଦ ଖଣିରେ ଏକ ବ୍ୟାକଲୋଡର ମେଶିନ ସାହାଯ୍ୟରେ କ୍ରୋମାଇଟ ଭର୍ତ୍ତି କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଫଳରେ ଚାଲାଣକାରୀମାନେ ହାଇୱା ଗାଡ଼ି ସହ ସଂପୃକ୍ତ ଲୋଡିଂ ମେଶିନକୁ ଛାଡ଼ି ଫେରାର ହୋଇ ଯାଇଥିଲେ। ଜବତ ଗାଡ଼ି ଗୁଡିକୁ ସୁକିନ୍ଦା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି । ପୂର୍ବରୁ କ୍ରୋମାଇଟ ଚୋରି ହେଉଥିବା ଘଟଣା ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ଚାଲାଣକାରୀଙ୍କୁ ଧରିବାକୁ ଜାଲ ବିଛା ଯାଇଥିଲା । ଏହି କ୍ରୋମାଇଟ ଲୁଟ ଘଟଣାରେ ସ୍ଥାନୀୟ ପୋଲିସ, ଖଣି ବିଭାଗ ଓ ବନ ବିଭାଗର କେତେକ ଅସାଧୁ କର୍ମଚାରୀ ସାମିଲ ଥିବାରୁ ଚାଲାଣକାରୀମାନଙ୍କୁ ଧରିବାକୁ କଟକ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଅନୀଲ ରାୟ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ତଥାପି ଚାଲାଣକାରୀମାନେ ଆଗୁଆ ସୂଚନା ପାଇ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ସୁକିନ୍ଦା ସହ ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝୀ ଏବଂ ସୁକିନ୍ଦା ଓ ଟମକା ବନାଞ୍ଚଳର କର୍ମଚାରୀମାନଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ଏହି ଟିମ ମଙ୍ଗଳବାର ବିଳମ୍ବିତ ରାତିରେ ରାଁସୋଳ ସେକ୍ସନ ଅଫିସରେ ଜଗି ରହିଥିଲେ। ପୂର୍ବ ପ୍ରସ୍ତୁତ ଅନୁସାରେ ଚାଲାଣକାରୀମାନେ କ୍ରୋମାଇଟ ଚୋରି କରିବାକୁ ଏକ ବ୍ୟାକଲୋଡ଼ର ମେଶିନ ଓ ହାଇୱା ସହ ବନ୍ଦ ଖଣିକୁ ପଶିଥିଲେ। ତେବେ ସଂପୃକ୍ତ ମେଶିନ ସାହାଯ୍ୟରେ କ୍ରୋମାଇଟ ଲୋଡିଂ କରିବା ସମୟରେ ପୂର୍ବ ଯୋଜନା ମୁତାବକ ସୁକିନ୍ଦା ରେଞ୍ଜର ଏକ ଟିମ ଧରି ଅତର୍କିତ ଚଢାଉ କରିଥିଲେ । ଚଢାଉ ସମୟରେ କ୍ରୋମାଇଟ ଭର୍ତ୍ତି ହାଇଭା ଗାଡ଼ି (ନଂ. ଓଡ଼ି ୦୪ ପି ୧୦୧୫) ଏବଂ ଓଡି-୦୫- ବିଜେଡ-୧୬୭୮ ନମ୍ବରର ବ୍ୟାକଲୋଡ଼ର ମେଶିନ ଗାଡ଼ିକୁ ଜବତ କରିଥିଲେ। ଅଭିଯୋଗ ଅନୁସାରେ ରାଁସୋଳ ସେକ୍ସନର ବନ ବିଭାଗ ଓ କାଳିଆପାଣି ପୋଲିସର କେତେକ କର୍ମଚାରୀଙ୍କ ସହଯୋଗରେ କ୍ରୋମାଇଟ ଲୁଟ କିଛି ମାସ ହେବ ଚାଲିଥିଲା। ସୁକିନ୍ଦାଗଡ଼ ଓ ଦାନଗଦି ଅଞ୍ଚଳର କେତେକ ପ୍ରଭାବଶାଳୀ ଯୁବକ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ମାତ୍ର ବନବିଭାଗର ତଦନ୍ତ ପ୍ରକ୍ରିୟା ସୀମିତ ରହିଥିବା କାରଣରୁ ଦୀର୍ଘଦିନ ଧରି ଲୁଟରେ ସମ୍ପୃକ୍ତ ଥିବା ଏହି ଚାଲାଣକାରୀମାନେ ଏବେ ଅନାୟାସରେ ଖସିଯିବାର ସମ୍ଭାବନା ସୃଷ୍ଟି ହେଇଛି ବୋଲି କୁହାଯାଉଛି। ଏହି ବନ୍ଦ ଖଣିରେ ଉଚ୍ଚମାନର କ୍ରୋମାଇଟ ରହିଛି ବୋଲି ସୂଚନା ମିଳିଛି । ଏପରି ମୂଲ୍ୟବାନ ଖଣିଜ ପଥର ଡିଡିଏମ୍‌ଙ୍କ ଅଧୀନରେ ଥିବା ବେଳେ ଓଡିଶା ଖଣି ନିଗମ(ଓଏମସି) ତାର ରକ୍ଷଣାବେକ୍ଷଣ କରୁଛି । କିନ୍ତୁ ଓଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଆନ୍ତରିକତାର ଅଭାବ କାରଣରୁ ଲାଇଟ ଓ ନିରାପତ୍ତା ଶୂନ୍ୟ ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ ପଡ଼ି ନ ଥିଲା । ଏପରିକି ଓଏମ୍‌ସିର କେତେକ ଅଧିକାରୀଙ୍କ ସହଯୋଗରେ ଏହି କ୍ରୋମାଇଟ ଲୁଟ ହେଉଥିଲା ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ବନ ବିଭାଗ ୦୦୪୬୮୫୯/୬୫୭ ଏଫଆଇଆର ନମ୍ବରରେ କେଶ ନଂ ୦୪ଏସକେ/୨୦୨୫-୨୬ ରୁଜୁ କରି ଓଡ଼ିଶା ବନ ବିଭାଗ ଆଇନ ୧୯୭୨ର ୩୬/୫୬ ଦଫା ଅନୁସାରେ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।


ଚଢ଼ାଉରେ ସାମିଲ ହୋଇଥିବା ବନବିଭାଗ କର୍ମଚାରୀ ।

## ସ୍ୱାସ୍ଥ୍ୟକାର୍ଡ ପାଇଁ ଟଙ୍କା ଆଦାୟ ଅଭିଯୋଗ

କାଏମା,୨୮।୫(ଶିବପ୍ରସାଦ ମହାନ୍ତି): ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଏଥିପାଇଁ ହିତାଧିକାରୀଙ୍କ ଇ-କେୱାଇସି ସହ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ହେଲେ ଧର୍ମଶାଳା ବ୍ଲକ୍‌ର ଅନେକ ଅଞ୍ଚଳରେ ଏହି କାର୍ଡ ବଣ୍ଟନବେଳେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ଜନଅସନ୍ତୋଷ ଦେଖାଦେଇଛି। ପରିବାର ଜଣଙ୍କ ପିଛା ୫୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗକାରୀ କହିଛନ୍ତି। ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତରେ ଆଶାକର୍ମୀଙ୍କ ଉପସ୍ଥିତିରେ ଭିଏଲଇ ଗାଁକୁ ଯାଇ ଟଙ୍କା ଆଦାୟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜଣେ ଯୁବକ ହେଲ୍ପ ଲାଇନରେ ଅଭିଯୋଗ କରିବା ପରେ ତାଙ୍କୁ କାର୍ଡ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ଏସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି। ମାତ୍ର ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଟଙ୍କା ଆଦାୟ ବନ୍ଦ କରିବା ସହ ଆଦାୟ ହୋଇଥିବା ଟଙ୍କା ଫେରସ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଶୋଭନୀୟ ଶିକ୍ଷାଶ୍ରମରେ କମଳା ରୋଷଶାଳା ଉଦ୍‌ଘାଟିତ

ଚଣ୍ଡିଖୋଲ,୨୮।୫(ପ୍ରଦୀପ୍ତ କୁମାର ପୃଷ୍ଟି): ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ବଡ଼ଚଣା ବ୍ଲକ୍ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ କମଳା ଶତପଥୀଙ୍କ ନାମରେ ନାମିତ କମଳା ରୋଷଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୪୦ ବର୍ଷ ଧରି ପିଲାମାନଙ୍କ ସେବାରେ ନିୟୋଜିତ ଥିବା ଆନ୍ଦୋଳନର ସଦସ୍ୟା କମଳା ଶତପଥୀଙ୍କ ଅକାଳ ବିୟୋଗ ପରେ ଏହି ପଦକ୍ଷେପ ନିଆଯାଇଛି। ଶିକ୍ଷାଶ୍ରମ ପରିସରରେ ଅଧ୍ୟକ୍ଷା ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କୁଳପତି ପ୍ରଫେସର କୁମର ବର ଦାସ, ସମ୍ମାନିତ ଅତିଥି ଭାବରେ ରାମ ଚନ୍ଦ୍ର ସାମଲ, ମହେଶ୍ୱର ବଳ, କିଶୋର ଚନ୍ଦ୍ର ଦାସ, ମଧୁସୂଦନ ଦାସ ଓ ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇ କମଳା ମାଉସୀଙ୍କ ଉତ୍ସର୍ଗୀକୃତ ସେବା ଓ ତ୍ୟାଗ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସ୍ମରଣିକା 'କମଳା ମା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କରୁଣାକର ରଣା, ଅଧ୍ୟାପକ ନିରାକାର ଦାସ, ଆଇନଜୀବୀ ବିଜୟ କୁମାର, କରୁଣା କର ପ୍ରଧାନ, ଶୈଳେନ୍ଦ୍ର ରାୟ, ତୁଳସୀ ରାମ ଜଗତ, ଅକ୍ଷୟ ମହାନ୍ତି, ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ ଓ ବନଲତା ଦେବୀ ପ୍ରମୁଖ ଯୋଗଦେଇ କମଳା ମା'ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଅତିଥି କମଳା ରୋଷଶାଳାକୁ ଉଦ୍‌ଘାଟନ କରୁଛନ୍ତି ।

## ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ତଦନ୍ତ ଆରମ୍ଭ


ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ତଦନ୍ତ କରିବାକୁ ଆସିଥିବା ଅଧିକାରୀ ।

ରସୁଲପୁର,୨୮।୫(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୋରେଇର ପୂର୍ବତନ ବିଧାୟକଙ୍କ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନରେ ଏକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। ମାତ୍ର ଏହି କୋଠାଟି ତ୍ରୁଟିପୂର୍ଣ୍ଣ ସ୍ଥାନରେ ନିର୍ମାଣ ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ବୁଧବାର ଏହାର ତଦନ୍ତ ଆରମ୍ଭ କରାଯାଇଛି। ବିଡିଓ ସତ୍ୟାନନ୍ଦ ଦାଶ, କନିଷ୍ଠଯନ୍ତ୍ରୀ ବନ୍ଦନା ତନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବିଡିଓ କ୍ଷେତ୍ର ପରିଦର୍ଶନ କରିବା ସହ ନିର୍ମାଣାଧୀନ କୋଠାକୁ ନେଇ ରହିଥିବା ସମସ୍ୟାର ସମାଧାନ କରିବାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ଜେନାଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଅଭିଯୋଗକାରୀଙ୍କ ସମେତ ଅନ୍ୟ ସହକାରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

କୋଠାଟି ବାତ୍ୟା ଆଶ୍ରୟସ୍ଥଳଠାରୁ କିଛି ଦୂରରେ ନିର୍ମାଣ ହୋଇଥିଲେ ଭଲ ହୋଇଥାଆନ୍ତା ବୋଲି ବିଡିଓ ପ୍ରକାଶ କରିଥିଲେ। ପରେ ବାତ୍ୟା ଆଶ୍ରୟସ୍ଥଳର ଅନ୍ୟ ପ୍ରବେଶ ପଥକୁ ସୁଗମ କରିବା ପାଇଁ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ବାତ୍ୟା ଆଶ୍ରୟସ୍ଥଳରେ ଏକ ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ କନିଷ୍ଠଯନ୍ତ୍ରୀଙ୍କୁ ବିଡିଓ ପରାମର୍ଶ ଦେଇଥିଲେ। ବ୍ଲକର ଏକମାତ୍ର ବିଦ୍ୟାଳୟ ଭାବରେ ଏହି ବିଦ୍ୟାଳୟ ପିଏମ୍ ଶ୍ରୀଯୋଜନା ପରିସରଭୁକ୍ତ ରହିଛି। ତେଣୁ ଏ ଦିଗରେ ବ୍ଲକ୍ କାର୍ଯ୍ୟାଳୟକୁ ଆସିଥିବା ଅନୁଦାନ କିଭଳି ଖର୍ଚ୍ଚ ହୋଇପାରିବ ସେ ନେଇ ବିଡିଓ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣାଧୀନ କୋଠା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପରାମର୍ଶ ଦେବା ସହ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ମାତ୍ରକେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟ ପରିସରରେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ହେଲେ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଅକାମୀ ହୋଇଯିବ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ତଦନ୍ତ ପରେ ବିଦ୍ୟାଳୟ ପରିସରରେ କୋଠା ନିର୍ମାଣକୁ ନେଇ ଲାଗି ରହିଆସୁଥିବା ଅଚଳାବସ୍ଥା ଦୂର ହୋଇଛି। ଏଥିସହ ବିଦ୍ୟାଳୟର ଅନ୍ୟ କେତେକ ସମସ୍ୟା ସମାଧାନର ବାଟ ଫିଟିପାରିଛି ବୋଲି ଅଭିଯୋଗକାରୀ ମତବ୍ୟକ୍ତ କରିଛନ୍ତି।

## ରଗଡ଼ି ଜେଲର ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ


ତାଲିମ ଶିବିରରେ ସାମିଲ ହୋଇଥିବା ଜେଲ୍‌ର ଅନ୍ତେବାସୀ ।

ଯାଜପୁର,୨୮।୫(ହର୍ଷବର୍ଦ୍ଧନ ବେହେରା): ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନୂତନ ଉନ୍ନତ ଅଭିଳାଷ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ବୁଧବାର ରଗଡ଼ିସ୍ଥିତ ଉପକାରାଗାରର ଅନ୍ତେବାସୀମାନଙ୍କୁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ଗାଈ, ମଇଁଷି ଓ ଛେଳି ଚାଷ ସହିତ ଜିଆ ଖତ ଉତ୍ପାଦନ ଓ ପ୍ରସ୍ତୁତି ପ୍ରଣାଳୀ ଉପରେ ୧୦ ଦିନ ଧରି ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ଜେଲର ସୋମାଞ୍ଜଳି ପ୍ରଧାନ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ, ମୁଖ୍ୟ ପ୍ରଶିକ୍ଷକ ପ୍ରସନ୍ନ କୁମାର ରାଉତ ଏବଂ କାରାଗାରର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା। ଏହି ତାଲିମ ପାଇଁ ଚୟନ କରାଯାଇଥିବା ଉପ କାରାଗାରର ଅନ୍ତେବାସୀମାନଙ୍କୁ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ସତନ୍ତ୍ର ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ ପ୍ରଦାନ କରାଯିବ। ତାଲିମ ବାବଦର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯିବ। ତାଲିମ ସମାପ୍ତ ପରେ ତାଲିମ ପ୍ରାପ୍ତ ସମସ୍ତ ଅନ୍ତେବାସୀମାନଙ୍କୁ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପକ୍ଷରୁ ପ୍ରଦତ୍ତ ପ୍ରମାଣ ପତ୍ର ସହିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରମାଣ ପତ୍ର ମାଧ୍ୟମରେ ଉପକାରାଗାର ଅନ୍ତେବାସୀମାନେ ପରବର୍ତ୍ତୀ ସମୟରେ ତଥା ମୁକ୍ତ ହେବା ପରେ ବ୍ୟାଙ୍କ ମାଧ୍ୟମରେ ଋଣ ପାଇଁ ଆବେଦନ କରିପାରିବେ ଓ ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ତାଲିମ ପାଇଁ ଚୟନ ହୋଇଥିବା ଅନ୍ତେବାସୀମାନଙ୍କୁ ୟୁନିଫର୍ମ ପୋଷାକ ସମେତ ପାଠ୍ୟ ଉପକରଣ ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।

## ପୋଖରୀ, ମାର୍କେଟ କମ୍ପ୍ଲେକ୍ସର ପୁନଃ ନିଲାମ ଦାବି

ଯାଜପୁରଟାଉନ,୨୮।୫(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ବିଞ୍ଝାରପୁର ବ୍ଲକ ଘଣ୍ଟିଆଳୀ ପଞ୍ଚାୟତ ଘଣ୍ଟିଆଳୀ ଗ୍ରାମରେ ପଞ୍ଚାୟତ ପୋଖରୀ ଓ ମାର୍କେଟ କମ୍ପ୍ଲେକ୍ସ ନିଲାମରେ ଅନିୟମିତତା ହୋଇଛି। ଏନେଇ ବୁଧବାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ପୁନଃ ନିଲାମ କରିବାକୁ ଦାବି କରିଛନ୍ତି। ପଞ୍ଚାୟତବାସୀଙ୍କ ଅଗୋଚରରେ ପଞ୍ଚାୟତ ପୋଖରୀ ଓ ମାର୍କେଟ କମ୍ପ୍ଲେକ୍ସକୁ ନିଲାମ ଦେଖେଇ ଅନ୍ୟ ହାତରେ ଟେକି ଦିଆଯାଇଥିବା ଅଭିଯୋଗକାରୀ କହିଛନ୍ତି। ଫଳରେ ଗ୍ରାମବାସୀ କୌଣସି ଉପକାର ପାଇପାରୁନାହାନ୍ତି। ଏନେଇ ସେମାନେ ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଶେଷରେ ନିରାଶ ହୋଇ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଯଦୁମଣି ଧଳ, ବର୍ଷା ବେହେରା ଓ ରବୀନ୍ଦ୍ର ଧଳଙ୍କ ସମେତ ଘଣ୍ଟିଆଳୀବାସୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

## ନିଖୋଜ ଯୁବକଙ୍କୁ ଠାବ ଦାବିରେ ରାସ୍ତାରୋକୋ

ରସୁଲପୁର,୨୮।୫(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ୨୩ ବର୍ଷୀୟ ପୁଅ ପପୁନି ସାମଲ ସୋମବାରଠାରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଅଭିଯୋଗକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଯୁବକଙ୍କୁ ଠାବ କରି ପାରିନାହିଁ। ତେଣୁ ଯୁବକଙ୍କୁ ତୁରନ୍ତ ଠାବ ଦାବିରେ ବୁଧବାର ଯୁବକଙ୍କ ପରିବାର ଓ ଗ୍ରାମବାସୀ କୁଆଖିଆ-ଜେନାପୁର ରାସ୍ତାର ବାଲାଙ୍ଗୀଠାରେ ଟାୟାର ଜାଳି ଧାରଣା ଦେଇଛନ୍ତି। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଯୁବକଙ୍କୁ ତୁରନ୍ତ ଠାବ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଛି। ପପୁନି ଘଟଣାଦିନ ସକାଳେ ସାବିତ୍ରୀ ବ୍ରତ ପାଇଁ ବଜାରକୁ ପୂଜା ସାମଗ୍ରୀ କିଣିବାକୁ ଯାଇଥିଲେ। ପରେ ଗାଡ଼ି କିସ୍ତି ଦେବା ପାଇଁ ଟଙ୍କା ଉଠାଇବାକୁ କହି ପୁଣି ବଜାରକୁ ଯାଇଥିଲେ। ହେଲେ ଆଉ ଫେରି ନ ଥିଲେ। ତାଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ହେଲେ ଯୋଗାଯୋଗ ହୋଇ ପାରି ନ ଥିଲା। ପରେ ପରିବାର ଲୋକେ ତାଙ୍କ ବାଇକ୍‌କୁ କଣ୍ଡିଆକଣସ୍ଥିତ ଏକ ପୋଲ ନିକଟରୁ ଉଦ୍ଧାର କରିଥିଲେ। ଉକ୍ତ ବାଇକକୁ ପୋଲ ନିକଟରେ ଥିବା ଦୋକାନ ମାଲିକ ସାଉଣ୍ଟି ଜେନା ଚଳାଉଥିବା ଲୋକେ ଦେଖିଥିଲେ ଏବଂ ବାଇକ୍ ଚାବି ତାଙ୍କଠାରୁ ଉଦ୍ଧାର କରାଯାଇଥିଲା। ତେଣୁ ପାପୁନି ନିଖୋଜ ସମ୍ପର୍କରେ ତାଙ୍କ ପରିବାର ଲୋକେ ସାଉଣ୍ଟିଙ୍କ ପଚରାଉଚରା କରିବାରୁ ସେ ବାରମ୍ବାର କଥା ବଦଳାଇଥିଲେ। ଏଥିରେ ପରିବାର ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସାଉଣ୍ଟିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ଅଭିଯୋଗ ଉପରେ ପୋଲିସ ଅଧିକ ଗୁରୁତ୍ୱ ଦେଉନାହିଁ ବୋଲି ପାପୁନିଙ୍କ ପରିବାର ଲୋକେ କହିଛନ୍ତି।


ମହିଳାମାନେ ରାସ୍ତାରୋକୋ କରିଛନ୍ତି ।

## ଦେବ ଦମ୍ପତି ବିବାହ ପାଇଁ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨୮।୫(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମର ଆରାଧ୍ୟ ଦେବତା ଗୁପ୍ତେଶ୍ୱର ମହାଦେବ ପୀଠରେ ଶୀତଳ ଷଷ୍ଠୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତ ମାସ ୩୦, ୩୧ ଓ ଜୁନ ୧ ପର୍ଯ୍ୟନ୍ତ ୩ ଦିନ ଧରି ଦେବାଧିଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ଅଲୌକିତ ବିବାହୋତ୍ସବ 'ଶୀତଳ ଷଷ୍ଠୀ' ଯାତ୍ରା ପାଳନ ହେବ । ଏହି ୩ ଦିନ ବିବିଧ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ରୀତିରେ ସମସ୍ତ ନୀତିକାନ୍ତି ଓ ମହାର୍ଘ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି । ଏଥିରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ, ରାଣୀ ମୃଣାଳିନୀ ଦେବୀ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଡ଼ ଅଲେଖ କୁମାର ଜେନା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶୀତଳ ଷଷ୍ଠୀ କମିଟି ଆବାହକ ଭାସ୍କର ରାଉତରାୟ ସୂଚନା ଦେଇଛନ୍ତି ।

# ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ଅନାସ୍ଥାରେ ହାରିବା ପରେ ଚିନ୍ତା

## ମାର୍ଶାଘାଇ,ରାଜନଗରରେ ପଡିବ ପ୍ରଭାବ

କେନ୍ଦ୍ରାପଡ଼ା,୨୮।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବୈଠକ ବୁଧବାର ଶେଷ ହୋଇଛି । ତହସିଲଦାର ଶିବ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟକ୍ଷା ରାଉତଙ୍କ ବିରୋଧରେ ମୋଟ ୪୯ ଲୋକ ପ୍ରତିନିଧିଙ୍କ ଭୋଟ ପଡିଥିଲା । ଫଳରେ ବ୍ଲକର ମୋଟ ୩୧ ପଞ୍ଚାୟତର ଦୁଇ ତୃତୀୟାଂଶ ସଭ୍ୟାସଭ୍ୟଙ୍କ ସେ ଆସ୍ଥା ହରାଇଛନ୍ତି । ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ରାଉତଙ୍କ ଏପରି ସ୍ଥିତି ପରେ ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ଓ ରାଜନଗରରେ ପଡିବ ବୋଲି ଆଲୋଚନା ଆରମ୍ଭ ହୋଇଛି । ଅପରପକ୍ଷେ ମହାକାଳପଡ଼ାର ଏହି ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ ଏବେ ବି ଆଇନର କାଠଗଡା ମଧ୍ୟରେ ଅଟକିଛି । ଅଧ୍ୟକ୍ଷା ରାଉତ ଏହି ଅନାସ୍ଥା ପ୍ରସ୍ତାବ ବୈଠକ ବିରୋଧରେ ଗତ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୨୭ ତାରିଖରେ ପଞ୍ଜୀକରଣ ହୋଇଥିବା ଏହି ଅଭିଯୋଗ (କେସ ନଂ-ଡବ୍ଲ୍ୟୁପି (ସି) ୨୧୬୮୮/୨୫) ଆସନ୍ତା ଜୁନ୍ ୩୦ ତାରିଖରେ ଶୁଣାଣୀ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି ।

ମହାକାଳପଡ଼ା ବ୍ଲକର ଏହି ରାଜନୈତିକ ହଲଚଲ ମାର୍ଚ୍ଚ ୨୧ରୁ ଆରମ୍ଭ ହୋଇଥିଲା । ଏନେଇ ପୂର୍ବରୁ ଉପାଧ୍ୟକ୍ଷ ବିଜୟ ଶକ୍ଲା ହାଇକୋର୍ଟ ଯାଇ ଅଭିଯୋଗ କରିଥିଲେ । ତେବେ କୋର୍ଟର ନିର୍ଦ୍ଦେଶ କ୍ରମେ ବୁଧବାର ବୈଠକ ହୋଇଥିଲା । ଗତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲାର ୫ ବିଧାନସଭା ମଣ୍ଡଳୀ ମଧ୍ୟରୁ ମହାକାଳପଡ଼ାରେ ଭାଜପା ବିଧାୟକ ପଦ ଜିତିଛି । ସେହିପରି ରାଜ୍ୟ ଶାସନ ଭାର ବିଜେଡି ହାତରୁ ଭାଜପାକୁ ଯାଇଛି । ସାଧାରଣ ନିର୍ବାଚନ ପରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷ ପଦ ବଦଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା । ସେହିପରି ରାଜନଗର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଉନ୍ନୟନ ଯୋଜନା ବାଧାପ୍ରାପ୍ତ ହେଉଥିବା ନେଇ ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି । ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମାର୍ଶାଘାଇ ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତ ସାମିଲ ଥିବାରୁ ଏପରି ଆଶଙ୍କା ଦୃଢ଼ୀଭୂତ ହେଉଛି । ସେହିପରି ରାଜନଗର ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖୁବ୍‌ଶୀଘ୍ର ଆସିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜିଲାର ୯ ବ୍ଲକରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ତେବେ ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେଡି ସରକାର ପରାଜୟ ପରେ ସାଙ୍ଗଠନିକ ଶକ୍ତି ଏବେ ଦୁର୍ବଳ ହୋଇଛି । ନିର୍ବାଚନର ବର୍ଷକ ମଧ୍ୟରେ ଜିଲା ବିଜେଡି ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନେଇ ଆନ୍ଦୋଳନ ମାଧ୍ୟମରେ ଦୃଢ଼ ଦାବି ଉପସ୍ଥାପନା କରିବାରେ ସଫଳ ହୋଇନାହିଁ । ସେହିପରି ଜିଲା ସଭାପତି ପଦକୁ ନେଇ ବିଜେଡି କର୍ମୀ ଓ କର୍ମକର୍ତ୍ତାମାନେ ଚିନ୍ତାରେ ଅଛନ୍ତି । ସାଙ୍ଗଠନିକ ଶକ୍ତି ଓ ଲୋକଙ୍କ ସମସ୍ୟା ବିଧାୟକଙ୍କ ନିକଟରେ ପହଞ୍ଚିପାରୁ ନ ଥିବାରୁ ତାଙ୍କ ଅଞ୍ଚଳରେ ଅନାସ୍ଥା ପ୍ରସ୍ତାବ ଆସିବା ସାଧାରଣ କଥା ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି ।

# ବିଏସ୍ଏଫ୍ ଯବାନଙ୍କ ପରଲୋକ



ଯବାନଙ୍କୁ ଶ୍ମଶାନରେ ଦିଆଗଲା ଗାର୍ଡ ଅଫ୍ ଅନର ।

## ଶ୍ମଶାନରେ ଦିଆଗଲା ଗାର୍ଡ ଅଫ୍ ଅନର

ଆଳି,୨୮।୫(ବନମାଳୀ ସେନାପତି)

ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟରତ ଥିବା କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍ ଦେମାଳ ଗ୍ରାମର ରାଜକିଶୋର ମହାଳିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି । ତାଙ୍କୁ ୫୨ ବର୍ଷ ହୋଇଥିଲା । ସେ କିଛିଦିନ ହେବ ମଧୁମେହ ଓ ଟିବି ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବୁଧବାର ସକାଳେ ଖୋର୍ଦ୍ଧାରେ ଥିବା ବାଟାଲିୟନ ପକ୍ଷରୁ ରାଜକିଶୋରଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଆଳି ଦେମାଳସ୍ଥିତ ତାଙ୍କ ଗ୍ରାମକୁ ଅଣାଯାଇଥିଲା । ଗ୍ରାମରେ ମରଶରୀର ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ବିଏସ୍ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହାପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ରାଜକିଶୋରଙ୍କ ପୁଅ ଅବିନାଶ ମହାଳିକ(ବଣ୍ଟି )ମୁଖାଗ୍ନି ଦେଇଥିଲେ ।

# ଆଇନସେବା ପ୍ରାଧିକରଣର ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୮।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କଠିନ ବସ୍ତୁ ପରିଚାଳନା ନିୟମ ୨୦୧୬ ସମ୍ପର୍କରେ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଟାଉନ ହଲଠାରେ ଆୟୋଜିତ ଏହି ଶିବିରରେ ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇ ବର୍ଜ୍ୟବସ୍ତୁ ପରିଚାଳନା ଓ ୫ ଆର ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ ସୁସ୍ଥ ପରିବେଶ ଜୀବନ ଧାରଣର ଏକ ଅଂଶ । ସ୍ୱଚ୍ଛ ପରିମଳକୁ ସମସ୍ତ ବ୍ୟକ୍ତ ଧ୍ୟାନ ଦେବା ଆବଶ୍ୟକ । ଏଠିସେଠି କଠିନ ବର୍ଜ୍ୟବସ୍ତୁ ଫୋପାଡିବା, ରାସ୍ତାଘାଟରେ ସେଥିରେ ନିଆଁ ଲଗାଇବା ଦ୍ୱାରା ଜଳ, ସ୍ଥଳ ଓ ଆକାଶ ପ୍ରଭାବିତ ହୋଇଥାଏ । ଏଥିପାଇଁ ୨୦୧୬ରେ ନିୟମ କରାଯାଇ ଦଣ୍ଡ ବ୍ୟବସ୍ଥା ଅଛି ।

କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆମକୁ ୫ ଆର ପ୍ରତି ଧ୍ୟାନ ଦେବାକୁ ହେବ । ସେହି ଆର ଗୁଡିକ ହେଲା ରିଫ୍ୟୁଜ, ରିଡ୍ୟୁସ, ରିୟୁଜ, ରିପରପୋଜ ଓ ରିସାଇକ୍ଲ । ଅତ୍ୟଧିକ ବର୍ଜ୍ୟବସ୍ତୁକୁ ଘରେ ରଖିବା ଦ୍ୱାରା ମାନସିକ ଅଶାନ୍ତି ଆସିଥାଏ । ଏଥିପାଇଁ ଆବଶ୍ୟକତା ଅନୁଯାୟୀ ସାମଗ୍ରୀ ଘରକୁ ଆଣିବା ଉଚିତ । ସେହିପରି ଅତ୍ୟଧିକ ସାମଗ୍ରୀକୁ ମନା କରିବା, ଆବଶ୍ୟକସ୍ଥଳରେ ପୁର୍ନବ୍ୟବହାର କରିବା ଓ ଏହାକୁ ସାଇତିବା ସହ କାମରେ ଲଗାଇବା ଆବଶ୍ୟକ ବୋଲି ପ୍ରାଧିକରଣ ସଚିବ ମହାପାତ୍ର ମତ ରଖିଥିଲେ । ଏହି ଶିବିରରେ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଗଗନବିହାରୀ ଖଟୁଆ ଓ ସୁମିତ ପଟ୍ଟନାୟକ ଆଲୋଚକ ଭାବେ ଯୋଗ ଦେଇ ଏହି ଆଇନକୁ ତର୍ଜମା କରିଥିଲେ । ଶିବିରକୁ ପ୍ରାଧିକରଣ କର୍ମଚାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରଦାପ୍ରସନ୍ନ ମହାପାତ୍ର, ଦୀପକ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ଯୁକ୍ତ ୨ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଅମରେନ୍ଦ୍ର ଦାସ ଏବଂ ଅନ୍ୟମାନେ ।

## ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜଗତ୍‌ସିଂହପୁର, ୨୮।୫ (ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ କଳାରେ ସ୍ଥିତିପ୍ରଜ୍ଞା ଲେଙ୍କା ପ୍ରଥମ, ନିବେଦିତା ଦାଶ ଦ୍ୱିତୀୟ ଓ ଶାଶ୍ୱତୀ ପ୍ରିୟଦର୍ଶନୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବିଜ୍ଞାନରେ ସତ୍ୟଜିତ ବର୍ଦ୍ଧନ ପ୍ରଥମ, ଶୁଭ୍ରାଦୀପା ସେଠୀ ଦ୍ୱିତୀୟ ଓ ଆଦିତ୍ୟ ସାହୁ ତୃତୀୟ ସ୍ଥାନ ହାସଲ କରିପାରିଛନ୍ତି । ବାଣିଜ୍ୟରେ ସୌଭାଗିନୀ ବିଶ୍ୱାଳ ପ୍ରଥମ, ରିତୁବର୍ଣ୍ଣା ସ୍ୱାଇଁ ଦ୍ୱିତୀୟ ଓ ଅର୍ପିତା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି କୃତୀ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏ ନେଇ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁଜାତା ଓତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବରିଷ୍ଠ ପ୍ରାଧ୍ୟାପକ ଅନିଲ କୁମାର ଦାଶ, ପରୀକ୍ଷା ନିୟନ୍ତ୍ରିକା ଡ. ମନୋଜା ମଞ୍ଜରୀ ସ୍ୱାଇଁ, ଅଧ୍ୟାପକ ଡ. ନୃସିଂହ ଚରଣ ସାମନ୍ତରାୟ, ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଯୁକ୍ତ ୨ ଅଧ୍ୟକ୍ଷ ବିଜୟ ବିଶ୍ୱାଳ ଓ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅସୀମ ଅମିତାଭ ଲେଙ୍କା ସହଯୋଗ କରିଥିଲେ ।

# ବନ୍ଦ ଥିବା ବିଦ୍ୟାଳୟ ଖୋଲିଲା

ମାର୍ଶାଘାଇ,୨୮।୫(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)





ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପଞ୍ଚାୟତ କୁସୁନପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଖୋଲିବା ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଖୁସିର ଲହରି ଦେଖାଦେଇଛି । କୁସୁନପୁର ଗ୍ରାମରେ ଅବସ୍ଥିତ ଏହି ବିଦ୍ୟାଳୟ ଉପରେ କୁସୁନପୁର, ବୀରଭଦ୍ରପୁର,ଡିଆ ଗ୍ରାମର କୁନିକୁନି ପିଲାମାନେ ନିର୍ଭର କରିଥାନ୍ତି । ସ୍କୁଲକୁ ବାଦ ଦେଲେ ନିକଟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ କୁନିକୁନି ପିଲାମାନଙ୍କୁ ବିପଦପୂର୍ଣ୍ଣ ଭାବେ ମାର୍ଶାଘାଇକୁ ପାଠ ପଢ଼ିବା ପାଇଁ ଯିବାକୁ ପଡୁଥିଲା । ୨ ବର୍ଷ ହେବ ଏହି ସ୍କୁଲ ବନ୍ଦ ପଡିଥିଲା । ଫଳରେ ୩ ଗ୍ରାମର ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ସମ୍ପର୍କରେ ଗ୍ରାମର କେତେଜଣ ଅଭିଭାବକ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ନାୟକ ଏହାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ଆଲୋଚନା କରି ଏହି ବିଦ୍ୟାଳୟକୁ ପ୍ରାଥମିକରୁ ଉଚ୍ଚ ପ୍ରାଥମିକ କରାଇବାରେ ସଫଳ ହୋଇଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଉକ୍ତ ସ୍କୁଲରେ ପଢ଼ିପାରିବେ । ଏହି ଖବର ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସେମାନେ ସ୍ଥାନୀୟ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

- ଜଇପୁର ଛକ ଦୋକାନ ପୋଡ଼ି ଘଟଣାକୁ ୧୫ ଦିନ ପୂରିଲା
- ଖୋଲାମେଲାରେ ବୁଲୁଛନ୍ତି ଅଭିଯୁକ୍ତ

ରଘୁନାଥପୁର, ୨୮।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଜଇପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏକ ଫଳ, ବିସ୍କୁଟ, ମିକ୍ସଚର ଦୋକାନକୁ ୧୩ ତାରିଖ ମଧ୍ୟ ରାତ୍ରିରେ ପେଟ୍ରୋଲ ଢାଳି ପୋଡ଼ି ଦେବା ଘଟଣାକୁ ୧୫ଦିନ ବିତିଯାଇଛି । ଅଭିଯୋଗକାରୀ ଦୋକାନୀ ତପନ ଓଝା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କ ନାମରେ ମଧ୍ୟ ଏତଲାରେ ଦର୍ଶାଇଥିଲେ । ଥାନାରେ ନଂ. ୨୧୫/୨୫ରେ ମାମଲା ରୁଜୁ ହୋଇଥିଲା । ତେବେ ମାମଲା ରୁଜୁ କରି ପୋଲିସ ଚୁପ ବସିଥିବା ଅଭିଯୋଗ ହେଉଛି । ଖୋଲାମେଲାରେ ଅଭିଯୁକ୍ତ ଦ୍ୱୟ ବୁଲୁଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ । ଫଳରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ହରାଇ ଅଭିଯୋଗକାରୀ ତପନ ଓ ତାଙ୍କ ବାପା ଦିବାକର ନିଜର ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ଅନ୍ୟପକ୍ଷେ ଜଣେ ଅଭିଯୁକ୍ତଙ୍କ ପକ୍ଷରୁ ଦୋକାନ ପୋଡି ସମ୍ପର୍କିତ ଏକ ସ୍ୱୀକାରୋକ୍ତି ଅଡିଓ ଭାଇରାଲ ହେଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଏହାସତ୍ତ୍ୱେ ମଧ୍ୟ ପୋଲିସ ଜାଣିଶୁଣି ନୀରବ ରହିବା କିମ୍ବା ଅଭିଯୁକ୍ତଙ୍କୁ ପରୋକ୍ଷରେ ସହଯୋଗ କରିବା ଯାହାକି ସାଧାରଣରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଲୋକେ ବିଶ୍ୱାସ ତୁଟିବାରେ ଲାଗିଛି ।

ମେ ୧୩ ତାରିଖ ମଧରାତ୍ରିରେ ତପନଙ୍କ ଫଳ ଦୋକାନକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ପୂର୍ବରୁ ତପନଙ୍କ ଜଣେ ସମ୍ପର୍କୀୟ ବ୍ୟକ୍ତି ତାଙ୍କୁ ଜୀବନରୁ ମାରି ଦେବା ଏବଂ ଦୋକାନ ଜାଳି ଦେବାକୁ ଧମକ ଦେଇଥିଲେ । ଉକ୍ତ ବ୍ୟକ୍ତି ଜଣଙ୍କ ତିର୍ତ୍ତୋଲ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ରହୁଥିଲେ ସୁଦ୍ଧା ତାଙ୍କୁ ଗିରଫ କରି ନ ପାରିବା ପୋଲିସର ପାରିବା ପଣିଆକୁ ପଦାରେ ପକାଇଛି । ଏ ସମ୍ପର୍କରେ ଏସ୍‌ଡିପିଓ ଚିନ୍ମୟ ରାଉତଙ୍କୁ ପଚାରିବାରେ ତିର୍ତ୍ତୋଲ ଆଇଆଇସିଙ୍କ ସହ କଥା ହେବେ ବୋଲି ସେ କହିଛନ୍ତି ।

# କୁଶିଆପାଳ ପାକ୍ସରେ ମୁଗ, ବିରି ମଣ୍ଡି ଉଦ୍‌ଘାଟିତ





ଡେରାବିଶ୍ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

ଡେରାବିଶ,୨୮।୫(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର ମୁଗ ଓ ବିରି ମଣ୍ଡି ଉଦଘାଟିତ ହୋଇଯାଇଛି । ମାର୍କେଟେଡର ଏରିଆ ଅଫିସର ପ୍ରଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦଘାଟନ କରିଥିଲେ । ଏହି ଉପଲକ୍ଷେ ସମିତି ପରିସରରେ ସମ୍ପାଦକ ମୃତ୍ୟୁଞ୍ଜୟ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସମିତି ସଭାପତି ନାରାୟଣ ପ୍ରସାଦ ପାତ୍ର ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରାଉତ ଯୋଗଦେଇ ସରକାର ଚାଷୀମାନଙ୍କ ଉତ୍ପାଦିତ ମୁଗ ଓ ବିରି ଫସଲକୁ ଅଭାବୀ ବିକ୍ରିରୁ ରକ୍ଷା କରିବା ଉଦ୍ଦେଶ୍ୟ ନେଇ ଏବଂ ଚାଷୀମାନଙ୍କ ସ୍ୱାର୍ଥସାଧାନ ପାଇଁ ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି । ଏହି ମଣ୍ଡିରେ ଚାଷୀମାନେ ଯେପରି ସୁରୁଖୁରୁରେ ସେମାନଙ୍କ ଫସଲ ବିକ୍ରି କରି ସରକାରୀ ନିୟମ ଅନୁଯାୟୀ ବ୍ୟାଙ୍କ ଜମାଖାତା ମାଧ୍ୟମରେ ଯଥାଶୀଘ୍ର ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ମଣ୍ଡି ଖୋଲାଯାଇଥିବା ସମବାୟ ସମତିର ଅଧିକାରୀମାନେ ସେଦିଗରେ ଉଚିତ ଧ୍ୟାନ ଦେଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ । କୁଶିଆପାଳ ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡିରେ ନିଜ ନିଜ ଫସଲ ବିକ୍ରୟ ପାଇଁ ଶତାଧିକ ସଂଖ୍ୟାରେ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଥିବା ବେଳେ ଚାଷୀମାନେ ମଣ୍ଡିରେ ସରକାରୀ ନିର୍ଦ୍ଧାରିତ ମାନର ଫସଲ ବିକ୍ରୟ କଲେ ମୁଗ କୁଇଣ୍ଟାଲ ପ୍ରତି ୮ହଜାର ୬ଶହ ୮୨ ଟଙ୍କା ଓ ବିରି କୁଇଣ୍ଟାଲ ପ୍ରତି ୭ହଜାର ୪୦୦ ଟଙ୍କା ପାଇପାରିବେ ବୋଲି ଏହି ଅବସରରେ ସମିତି ସମ୍ପାଦକ ଦାସ ଉପସ୍ଥିତ ଚାଷିମାନଙ୍କୁ ସୁଚନା ପ୍ରଦାନ କରିଥିଲେ । ଏହି ଉତ୍ସବରେ ସମିତି ପରିଚାଳନା ପରିଷଦ ସଭ୍ୟ ଗୁଚରଣ ସାହୁ, ନିର୍ମଳ ସେଠୀଙ୍କ ସମେତ ଅଗ୍ରଣୀ ଚାଷୀ ପ୍ରଶାନ୍ତ କୁମାର ନାୟକ, କରୁଣାକର ସାହୁ, ପୀତାମ୍ବର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସମିତି ସହ ସମ୍ପାଦକ ମାନସ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀର ସଭରକରଙ୍କ ଜୟନ୍ତୀ ପାଳିତ



ବୀର ସଭରକରଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

କେନ୍ଦ୍ରାପଡ଼ା,୨୮।୫(ଜଗନ୍ନାଥ ଧଳ)

ରାଷ୍ଟ୍ରବାଦୀ ସାମାଜିକ ସଙ୍ଗଠନ ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକରଙ୍କ ୧୪୨ତମ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡା ସହରର ପବ୍ଲିକ୍ ରିଡ଼ିଙ୍ଗ ରୁମ ଠାରେ ବୁଧବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସଭରକରଙ୍କୁ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଅଭିହିତ କରିଥିଲେ । ସଭରକର କେବଳ ଜଣେ ସଂଗ୍ରାମୀ ଥିଲେ ତାହା ନୁହେଁ ବରଂ ଜଣେ ସମାଜ ସଂସ୍କାରକ ଥିଲେ । ତାଙ୍କ ଉଦ୍ୟମରେ ଭାରତରେ ହିନ୍ଦୁତ୍ୱ ବିଚାରଧାରାର ପ୍ରସାର ହୋଇ ପାରିଥିଲା । ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜକ କର୍ମୀ ଇଂ. ଅକ୍ଷୟ କୁମାର ପାଣି ସ୍ୱାଧୀନତା ପାଇଁ ସଭରକରଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ସଭରକରଙ୍କ କ୍ରାନ୍ତିକାରୀ ବିଚାରଧାରାକୁ ବାଦ୍‌ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଲେଖାଯାଇ ପାରେନା ବୋଲି ମତବ୍ୟକ୍ତ କରିଥିଲେ । ବୁଦ୍ଧିଜୀବୀ ସୁଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଡା. ବିରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇନଜୀବୀ ନୀତିଶ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ରାଷ୍ଟ୍ରପ୍ରେମୀ ଯୋଗ ଦେଇଥିଲେ ।

# ସରକାରୀ ଧାନ ବିହନ ବିକ୍ରୟ କେନ୍ଦ୍ର ଖୋଲିଲା



ବିଡ଼ିଓ ଆଲୋକ କୁମାର ସେଠୀଙ୍କ ସହ ଅନ୍ୟ ଅଧିକାରୀମାନେ ଧାନ ବିକ୍ରୟ କେନ୍ଦ୍ରକୁ ଉଦଘାଟନ କରୁଛନ୍ତି ।

ପାଟକୁରା,୨୮।୫(ରବୀନ୍ଦ୍ର ନାଥ ବାରିକ)

ବୁଧବାର ସରକାରୀ ଅନୁବନ୍ଧିତ ଧାନ ବିହନ ଆଉଟଲେଟ ଗରଦପୁର ଗୋବରା ଛକଠାରେ ଶୁଭାରମ୍ଭ ହୋଇଯାଇଛି । ଏଠାରେ ଚଳିତ ଖରିଫ ଧାନ ଫସଲ ପାଇଁ ବିଭିନ୍ନ କିସମର ଉନ୍ନତମାନର ବିହନ ଉପଲବ୍ଧ ହେବ । ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋକ କୁମାର ସେଠୀ, କୃଷି ଅଧିକାରୀ ଡ.ଜ୍ୟୋତିତମ ଦାସ, ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ,ଆତ୍ମା ଅଧକ୍ଷ ବାସୁଦେବ ବେହେରା, କୋଷାଧକ୍ଷ ଆଲୋକ ମହାଳିଙ୍କ ସମେତ ସମସ୍ତ ବୋର୍ଡ଼ ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ । ଏହି କମ୍ପାନୀ କୃଷି ଏବଂ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ସରକାରୀ ଦରରେ ୨୦କେଜି ବିହନ ପ୍ୟାକେଟ୍ ୮୨୫ ଟଙ୍କାରେ ସେଠାରେ ଉପଲବ୍ଧ ହେଉଛି । ଏଣୁ କୃଷକମାନେ ଏହାର ଫାଇଦା ନେବାକୁ ଆତ୍ମା ଅଧ୍ୟକ୍ଷ ବାସୁଦେବ ବେହେରା ଓ ବ୍ଲକ୍ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଅନୁରୋଧ କରିଛନ୍ତି । ଶାରଳା, ୧୦୬୧, ପୂଜା ଓ କଳା ଚମ୍ପା କିସମର ବିହନ ବର୍ତ୍ତମାନ ଉପଲବ୍ଧ ଅଛି । ଚାଷୀମାନଙ୍କ ଚାହିଦା ମୁତାବକ ସମସ୍ତ ପ୍ରକାର ଧାନ ବିହନ ଯୋଗାଇ ଦିଆଯିବ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି ।

## ଅହଲ୍ୟାବାଈ ହୋଲକରଙ୍କ ଜୟନ୍ତୀ

ଡେରାବିଶ,୨୮।୫(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଜଞ୍ଜିରାବାରିମୂଳ ପଞ୍ଚାୟତ ଲୁଣା ନଦୀ ତଟସ୍ଥ ଖଲାରେଶ୍ୱର ଶୈବପୀଠରେ ରାଣୀ ଅହଲ୍ୟାବାଈ ହୋଲକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଚାନ୍ଦୋଳ ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ ଅଧକ୍ଷତା କରିଥିଲେ । ଜିଲା ଭାଜପା ସାଧାରଣ ସମ୍ପାଦିକା ମନୀଷା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଖଲାରେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣକୁ ଉପସ୍ଥିତ ଭାଜପା ସଂଗଠକ , କର୍ମୀମାନେ ସଫେଇ କରିଥିଲେ । ମଣ୍ଡଳ ସମ୍ପାଦକ ସରୋଜକାନ୍ତ ପଣ୍ଡା, ପ୍ରିୟଦର୍ଶନ ସ୍ୱାଇଁ, ଅଜୟ ମଲ, କେଶବ ସାମଲ, ସୁରେଶ ଚନ୍ଦ୍ର ରାଉତରାୟ, ନମିତା ବଳ, ମମତା ସେଠୀ, ରମେଶ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରମୁଖ ସହପ୍ରମୁଖ ସାମିଲ ହୋଇଥିଲେ ।

# ମହିଳାମାନେ ନିର୍ମାଣ କଲେ ମା' ବାଟିକା

## ମା' ସ୍ମୃତିରେ ଚାରାଟିଏ

ରାଜକନିକା,୨୮।୫(ସଞ୍ଜୟ କୁମାର ଦାଶ)



ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ସାରା ବିଶ୍ୱ ଆଜି ସନ୍ତୁଳିତ ହେଉଛି । ଅସହ୍ୟ ଉତ୍ତାପ ବୃଦ୍ଧି ଯୋଗୁ କେତେକ ଜୀବଜନ୍ତୁ ବିଲୁପ୍ତ ପ୍ରାୟ ହେଲାଣି । ଆଉ କେତେ ବିଲୁପ୍ତ ହେବା ଅପେକ୍ଷାରେ ରହିଛନ୍ତି । ବାୟୁମଣ୍ଡଳରେ ଅମ୍ଳଜାନ କମିବାରେ ଓ ଅଙ୍ଗାରକାମ୍ଳ ବଢ଼ିବାରେ ଲାଗିଛି । ଏପରି ସମୟରେ ସୃଷ୍ଟିକୁ ସୁରକ୍ଷା ଦେବା ଉଦ୍ଦେଶ୍ୟ ଅଣ୍ଟା ଭିଡିଛନ୍ତି କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର ମହିଳାମାନେ । ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଆହ୍ୱାନ କ୍ରମେ ଶତାଧିକ ମହିଳା, ପୁରୁଷ, ଯୁବବର୍ଗ ଏବଂ ଛାତ୍ର ସମାଜର ପ୍ରୟାସରେ ରାଜକନିକାର ପଶ୍ଚିମକନିକା ହାଟସାହି ପଞ୍ଚାୟତ କାର୍ଯ୍ୟାଳୟରେ ମହିଳା ସରପଞ୍ଚ ସୀତାରାଣୀ ଦାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମା' ବାଟିକା ନିର୍ମାଣ କରାଯାଇ ବ୍ୟାପକ ଚାରା ରୋପଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବ୍ଲକର ୨୯ଟି ପଞ୍ଚାୟତର ବିଭିନ୍ନ ଗାଁରେ ମା' ସ୍ମୃତିରେ ଚାରାଟିଏ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ୧ଶହ ଟଙ୍କା ଆଦାୟ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ମା' ବାଟିକାର ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଛି । ଯେଉଁଥିରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜଙ୍କୁ ସଭାନେତ୍ରୀ, ଅଳିଭା ରାଉତ ଓ ସରସ୍ୱତୀ ବିଶାଳଙ୍କୁ ଯୁଗ୍ମ ଉପ ସଭାନେତ୍ରୀ, କାମିନୀ ନାୟକଙ୍କୁ ସମ୍ପାଦିକା, ବୈଜୟନ୍ତୀ ପଡିହାରୀ ଓ ସୁଶୋଭିତା ରାଉତଙ୍କୁ ଯୁଗ୍ମ ସହ ସମ୍ପାଦିକା ଏବଂ ରତ୍ନମାଳା ବିଶ୍ୱାଳଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ସାମାଜିକ କର୍ମୀ ବିଧାନ ଦାସ, ଶିକ୍ଷକ ନିରଞ୍ଜନ ବେହେରା, ଶଶିଭୂଷଣ ନାୟକ, କମଳାକାନ୍ତ ରାଉତ, ଜେମା ସେଠୀ ପ୍ରମୁଖ ୧୫ଜଣଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାବାଦ୍ ଶିବା ବିଶ୍ୱାଳ, ଜ୍ୟୋତିରଞ୍ଜନ ନାୟକ, ନରେନ୍ଦ୍ର ନାୟକ, ପାପାଲି ସାହାଣୀ, ନିଲୁଆ, କାଳିଆ, ଅଭୟ ସାହାଣୀଙ୍କୁ ଏହି କମିଟିରେ ସାମିଲ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ବୃକ୍ଷରୋପଣ ପାଇଁ ଆବଶ୍ୟକ ଜମି ବା ଜାଗା ଯୋଗାଇଦେବାକୁ କେନ୍ଦ୍ରାପଡ଼ା ଜିଲାପାଳ ଓ କନିକା ତହସିଲଦାରଙ୍କ ଦୃଷ୍ଟି ଗୋଚର କରାଯାଇଥିବା ସଭାନେତ୍ରୀ ବରଜ କହିଛନ୍ତି ।

# ପାନୀୟଜଳ ସଙ୍କଟକୁ ଏଡାଇବା ପାଇଁ ନାହିଁ ପଦକ୍ଷେପ

- ପମ୍ପ ହାଉସଠାରୁ ଦୂରେଇ ଯାଉଛି ଜଳଧାର
- ଶୀତ ଋତୁରେ ଦେଖାଯାଉଛି ପାନୀୟ ଜଳ ସମସ୍ୟା
- ପ୍ରତିବର୍ଷ ମହାନଦୀ ବାଲିରେ କରାଯାଉଛି ଟ୍ରେଞ୍ଚ
- ମହାନଦୀରେ ଆନିକଟ କରିବା ପାଇଁ ବଢୁଛି ଦାବି

ନୟାଗଡ଼,୨୮।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ବଡବାଣପୁର ମହାନଦୀ ଘାଟରୁ ପମ୍ପ ହାଉସ୍ କରାଯାଇ ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପାନୀୟ ଜଳ ଯୋଗାଣ ହେଉଥିବାବେଳେ ପ୍ରତି ବର୍ଷ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ପାନୀୟ ଜଳ ସଙ୍କଟକୁ ଏଡାଇବା ପାଇଁ ମହାନଦୀର ବଡବାଣପୁର ଅଥବା ପଦ୍ମାବତୀଠାରେ ଆନିକଟ ନିର୍ମାଣ କରିବାକୁ ଦାବି ହୋଇ ଆସୁଛି। ବଡବାଣପୁର ଓ ପଦ୍ମାବତୀଠାରେ ଆନିକଟ କରାଗଲେ ମହାନଦୀର ଜଳଧାରା ବଦଳିବ ନାହିଁ ବୋଲି କୁହାଯାଉଛି। ତେବେ ସରକାର ଏନେଇ କିଛି ପଦକ୍ଷେପ ନେଉ ନ ଥିବାରୁ ପାନୀୟ ଜଳ ସମସ୍ୟାର ସମାଧାନ ହେବା ବଦଳରେ ବଢ଼ି ଚାଲିଛି। ଶୀତଋତୁରେ ମହାନଦୀ ଶୁଖିବା ଆରମ୍ଭ ହେବା ପରେ ଦୁଇ ସହରକୁ ଯୋଗାଣ ପାନୀୟ ଜଳ ଯୋଗାଣ ହେଉଥିବା ପମ୍ପ ହାଉସଠାରୁ ମହାନଦୀର ଜଳଧାରା ଦୂରେଇ ଯାଉଛି। ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଉଚ୍ଚ ସ୍ଥାନରୁ ଜଳଧାର ଆଣିବା ପାଇଁ ମହାନଦୀର ବାଲିରେ ଟ୍ରେଞ୍ଚ ଖୋଳିବାକୁ ପଡୁଛି। କିଛି ବର୍ଷ ହେଲା ମହାନଦୀ ବାଲିରେ ଟ୍ରେଞ୍ଚ ଖୋଳା ହେଉଛି। ତେବେ ଜଳଧାରରା ଦୂରତା ବଢୁଥିବାରୁ ପ୍ରତି ବର୍ଷ ଟ୍ରେଞ୍ଚର ଦୂରତା ବଢ଼ିବାରେ ଲାଗିଛି। ୨୦୨୪ରେ ୨କିମି ଟ୍ରେଞ୍ଚ ଖୋଳାଯାଇଥିବାବେଳେ ୨୦୨୪ରେ ୪କିମି ଟ୍ରେଞ୍ଚ ଜନସ୍ୱାସ୍ଥ୍ୟ ବିଭାଗ ଖୋଳିଛି।

ଗ୍ରୀଷ୍ମ ଋତୁରେ ଜଳସଙ୍କଟକୁ ଏଡାଇବା ପାଇଁ ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଏ। ମହାନଦୀର ବଡବାଣପୁରଠାରେ ଯେଉଁଠି ପମ୍ପ ହାଉସ୍ ରହିଛି ତା'ପାଖରେ ମହାନଦୀରେ ୭୦ ଫୁଟର ପାଣି ରହୁଥିଲା। ୨୦୧୧ ମସିହା ପର୍ଯ୍ୟନ୍ତ ମହାନଦୀର ଜଳଧାରା ବଦଳୁ ନ ଥିଲା। ଛତିଶଗଡ଼ ମହାନଦୀର ଉପର ମୁଣ୍ଡରେ ଆନିକଟ କରିବା ଓ ନୟାଗଡ଼ ଜିଲାର ସିଦ୍ଧାମୂଳା ବ୍ରିଜ ଯୋଗୁ ଧୀରେ ଧୀରେ ଜଳଧାରା ବଦଳିବାରେ ଲାଗିଲା। ବଡ଼ବାଣପୁରର ମହାନଦୀରେ ଯେଉଁଠି ଦିନେ ୭୦ ଫୁଟର ପାଣି ରହୁଥିଲା ସଂପୃକ୍ତ ସ୍ଥାନରେ ଶୀତ ଋତୁରେ ବାଲିର ପାହାଡ଼ ଦେଖିବାକୁ ମିଳୁଛି। ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପ୍ରତି ଦିନ ୬.୫ ମିଲିୟନ ଲିଟର ପାନୀୟ ଜଳର ଆବଶ୍ୟକତା ରହିଛି। ତେବେ ଆବଶ୍ୟକତା ଶୀତଋତୁର ଶେଷ ପର୍ଯ୍ୟାୟରେ ଆଉ ମହାନଦୀ ପୂରଣ କରି ପାରୁ ନାହିଁ। ନୟାଗଡର ପାନୀୟ ଜଳ ସଙ୍କଟ ନେଇ ନିକଟରେ ନୟାଗଡ଼ ବିଧାନସଭା ସ୍ତରୀୟ ସମୀକ୍ଷା ବୈଠକରେ ବି ଉଠିଥିଲା। ତେବେ ଏହାର ସ୍ଥାୟୀ ସମାଧାନ ନେଇ ଆଲୋଚନା ହୋଇ ନ ଥିଲା।

ଏନେଇ ନୟାଗଡ଼ ସବ୍‌ଡିଭିଜନ ଜନସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ନାୟକ କୁହନ୍ତି, ଗ୍ରୀଷ୍ମଋତୁର ପାନୀୟ ଜଳ ସଙ୍କଟକୁ ଏଡାଇବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ବଡ଼ବାଣପୁର ମହାନଦୀ ଘାଟରୁ ଯେଉଁ ଉଚ୍ଚ ସ୍ଥାନରେ ଜଳଧାର ରହୁଛି ସେଠାରୁ ବାଲିରେ ଟ୍ରେଞ୍ଚ ଖୋଳାଯାଇ ଜଳଧାରା ପମ୍ପ ହାଉସ୍ ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ତେବେ ଶୀତଋତୁ ପ୍ରାରମ୍ଭରୁ ମହାନଦୀର ଜଳଧାରାକୁ ଅନୁଧ୍ୟାନ କରି ଆଗୁଆ ପଦକ୍ଷେପ ନ ନେଲେ ନୟାଗଡ଼ ଓ ଖଣ୍ଡପଡ଼ା ସହରରେ ଗ୍ରୀଷ୍ମଋତୁର ପାନୀୟ ଜଳ ସଙ୍କଟକୁ ରୋକି ହେବନି ବୋଲି କହିଛନ୍ତି।

## ଅଚଳ ହୋଇପାରେ ପଦ୍ମାବତୀର ପାଣିପମ୍ପ

ମହାନଦୀର ବଡ ବାଣପୁର ମହାନଦୀର ଘାଟରୁ ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପାନୀୟ ଜଳ ଯୋଗାଣ ହେଉଛି। ତେବେ ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା ଓ ଓଡ଼ଗାଁ ସହରକୁ ଛାଡିଦେଲେ ଭାପୁର ବ୍ଲକ୍‌ର ପଦ୍ମାବତୀ ନଦୀଘାଟରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜିଲାର ବିଭିନ୍ନ ବ୍ଲକ୍‌ର ଗାଁକୁ ପାନୀୟ ଜଳ ଯୋଗାଣ କରାଯିବ। ପ୍ରତିବର୍ଷ ମହାନଦୀ ଶୁଖିଲା ପଡିବା ଅଞ୍ଚଳ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ବଡବାଣପୁର ପାଣି ପମ୍ପ ଉପରେ ପଡୁଛି। ଖଣ୍ଡପଡା ଓ ନୟାଗଡ଼ ସହରକୁ ବାଣପୁର ପାଣିପମ୍ପ ଗ୍ରୀଷ୍ମ ଋତୁରେ ଦିନକୁ ୬.୫ ମିଲେୟନ ଲିଟର ପାଣି ଯୋଗାଇବାରେ ଅସମର୍ଥ ହେଉଛି। ଏଭଳିସ୍ଥଳେ ଜିଲାର ବିଭିନ୍ନ ବ୍ଲକ ପାଇଁ ପଦ୍ମାବତୀ ପାଣିପମ୍ପ ୭୦ ମିଲେୟନ ଲିଟର ପାଣି ଯୋଗାଇବ ବୋଲି ଟାର୍ଗେଟ ରହିଛି। ଏଭଳିସ୍ଥଳେ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ୫ବର୍ଷ ଧରି ଚାଲୁ ରହିଥିଲେ ମଧ୍ୟ ଶେଷ ହୋଇ ପାରୁନି। ବଡ ବାଣପୁର ପାଣିପମ୍ପକୁ ଅନୁଧ୍ୟାନ କଲା ପରେ ପଦ୍ମାବତୀ ପାଣିପମ୍ପ ପ୍ରକଳ୍ପ ଗ୍ରୀଷ୍ମଋତୁରେ ଅଚଳ ହୋଇ ପାରେ ବୋଲି ଅନୁରୂପ ଭାବେ ଆଶଙ୍କା ଦେଖା ଦେଲାଣି। ଗ୍ରୀଷ୍ମଋତୁରେ ଏତେ ସଂଖ୍ୟକ ପାଣି ପଦ୍ମାବତୀ ପାଣି ପମ୍ପ ଯୋଗାଇବାରେ ଅସମର୍ଥ ହେବ ବୋଲି ଏବେଠାରୁ କୁହାଗଲାଣି । ଏଣୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାରୁ ପାନୀୟଜଳ ସଙ୍କଟ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି।

# ଗୋକୁଳାନନ୍ଦ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଖଣ୍ଡପଡ଼ା,୨୮।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ଗୋକୁଳାନନ୍ଦଙ୍କ ୩୧ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରାତଃ ସମୟରେ ବିଗ୍ରହଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ପରେ ବିଗ୍ରହଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ମନ୍ଦିରରେ ହୋମଯଜ୍ଞ, ଗୀତାପାଠ, ଭାଗବତ ପାଠ ସହ ନାମ ସଂକୀର୍ତ୍ତନ ଆଦି କରାଯାଇଥିଲା। ବିଗ୍ରହଙ୍କ ଦର୍ଶନ ପାଇଁ ମନ୍ଦିର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଭୁ ଶ୍ରୀ ଗୋକୁଳାନନ୍ଦଙ୍କ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ ହେଁ ଉକ୍ତ ପୀଠର ସାମଗ୍ରିକ ବିକାଶ ପ୍ରତି ସେତେଟା ଧ୍ୟାନ ଦେଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଧ୍ୟାନ ଦେବାକୁ ସିଧାମୂଳା ପଞ୍ଚାୟତବାସୀ ଦାବି କରିଛନ୍ତି।

# ଖଣ୍ଡପଡ଼ାରେ ଶୀତଳଷଷ୍ଠୀ ଯାତ୍ରା ନେଇ ପ୍ରସ୍ତୁତି

ଖଣ୍ଡପଡ଼ା,୨୮।୫ (ଅଜୟ କୁମାର ମହାରଣା)

ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ପାଳିତ ହୋଇ ଆସୁଛି ପବିତ୍ର ଶୀତଳଷଷ୍ଠୀ ଯାତ୍ରା । ତେବେ ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପ୍ରତିବର୍ଷ ଖଣ୍ଡପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ।ନୀଳକଣ୍ଠେଶ୍ୱର ଦେବ, ଶ୍ରୀବାଲୁଙ୍କେଶ୍ୱର ଦେବ, ଶ୍ରୀଲୋକନାଥ ଦେବ ଓ ଶ୍ରୀ ସୁବର୍ଣ୍ଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବିମାନ ଯୋଗେ ମନ୍ଦିରରୁ ବାହାରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଖଣ୍ଡପଡ଼ା ବଡ ଦାଣ୍ଡରେ ୪ ଶମ୍ଭୁଙ୍କର ମିଳନ ପର୍ବ ଅନୁଷ୍ଠିତ ହୋଇଥାଏ । ଶୀତଳଷଷ୍ଠୀ ଯାତ୍ରା ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହର ଚଳଚଞ୍ଚଳ ହୋଇ ଉଠିଛି। ୪ଟି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ପ୍ରସ୍ତୁତିପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ବଜ୍ରପାତରୁ ସୁରକ୍ଷା, ସତର୍କତା ପାଇଁ ସଚେତନତା




ସଚେତନତା ରାଲିରେ ସାମିଲ ହୋଇଥିବା ଛାତ୍ରୀମାନେ।

ଓଡ଼ଗାଁ,୨୮।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ପିଏମ୍‌ଶ୍ରୀ ସରକାରୀ ରାଧାକାନ୍ତ ବାଳିକା ଉଚ୍ଚବିଦ୍ୟାଳୟରେ ବଜ୍ରପାତରୁ ସୁରକ୍ଷା ଓ ସତର୍କତା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି।ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀ, ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ରଘୁନାଥ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରୁ ଓଡ଼ଗାଁର ବିଭିନ୍ନ ସାହିକୁ ଯାଇ ପ୍ରଚାର ପତ୍ର ବଣ୍ଟନ ସହିତ ଛାତ୍ରୀମାନେ ବିଭିନ୍ନ କାନ୍ଥରେ ସୁରକ୍ଷା ସଚେତନତା ପୋଷ୍ଟର ମାରିଥିଲେ। ବୈଦ୍ୟୁତିକ ପ୍ରବାହ ଏବଂ ଧାତବ ପଦାର୍ଥମାନଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ବଜ୍ରପାତରୁ କିପରି ଧନ ଜୀବନ ରକ୍ଷା ହୋଇପାରିବ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପରମାନନ୍ଦ ଦଳାଇ, ପୁଷ୍ପିତା ସାହୁ, ଝରଣା ସାହୁ, ଯଶସ୍ୱିନୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରେନ୍ଦ୍ର କୁମାର ନନ୍ଦ ଏବଂ ଅନ୍ୟ ସଦସ୍ୟା ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

ଖଣ୍ଡପଡ଼ା,୨୮।୫(ଅଜୟ କୁମାର ମହାରଣା)

## ୨୯୫ ଲିଟର ଦେଶୀ ମଦ ସହ ୫ହଜାରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ

ଖଣ୍ଡପଡା ଅଞ୍ଚଳରେ ଦେଶୀ ମଦର ଚୋରା କାରବାର ଅବାଧରେ ଚାଲିଛି । କୌଣସି ସୁତ୍ରରୁ ଖବର ପାଇ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ଟିମ ବୁଧବାର ଖଣ୍ଡପଡା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବଡହାମରା ଓ ବୁଢୀଝରୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢାଉ କରିଥିଲେ । ଚଢାଉ ସମୟରେ ୨୯୫ ଲିଟର ଦେଶୀ ମଦ ସହ ୫୦୦୦ରୁ ଊର୍ଦ୍ଧ୍ୱ ଲିଟର ପୋଚକୁ କର୍ମଚାରୀମାନେ ଘଟଣା ସ୍ଥଳରେ ନଷ୍ଟ କରିଛନ୍ତି। ତେବେ ଚଢାଉ ସମୟରେ ନିଶା ବ୍ୟବସାୟୀମାନେ କୌଶଳକ୍ରମେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି କମିଶନର ଡ଼ମ୍ବରୁଧର ଖଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ବିକାଶ କୁମାର ନାୟକ, ଆଇଆଇସି ଧିରେନ କୁମାର ବେହେରା, ଏଏସଆଇ ଥବିର କୁମାର ପଟ୍ଟନାୟକ ପ୍ରମୁଖ ଚଢାଉ ଅଭିଯାନରେ ସାମିଲ ହୋଇଥିଲେ।



ଜବତ ହୋଇଥିବା ମଦ ଓ ପୋଚ।

# ସଂଗ୍ରହାଳୟ ପାଇଁ ଦେଶ ବିଦେଶର ବିରଳ ସାମଗ୍ରୀ ସଂଗ୍ରହ

ନୂଆଗାଁ, ୨୮।୫ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ୍‌ର ଉଦୟପୁରଠାରେ ଥିବା ପ୍ରସିଦ୍ଧ ପାଠାଗାର ତଥା ସଂଗ୍ରହାଳୟ ପାଇଁ ଦେଶ ବିଦେଶର ଅନେକ ପୁରାତନ ବିରଳ ସାମଗ୍ରୀମାନ ସଂଗ୍ରହ କରାଯାଇଛି। କଟକ ଅପର୍ଣ୍ଣା ନଗର ନିବାସୀ ମୁଖ୍ୟମନ୍ତ୍ରୀ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସହଧର୍ମିଣୀ କନକ ପଟ୍ଟନାୟକ ଓ ପୁତ୍ର ଶୀତିକଣ୍ଠ ପଟ୍ଟନାୟକଙ୍କ ପକ୍ଷରୁ ଇଂଲଣ୍ଡର ଡଡଲଡୋରଠାରେ ଥିବା ଐତିହାସିକ ଜୁରାସିକ ସମୁଦ୍ର ଉପକୂଳ ପାହାଡ଼ ଖୋଲରୁ ସଂଗୃହୀତ ୧କୋଟି ୮୫ଲକ୍ଷ ପୁରାତନ ବିରଳ ତିନୋଟି ଫସିଲ୍ ଓ ସ୍କଟଲ୍ୟାଣ୍ଡର ଜାତୀୟ ବାଜା ସ୍କଟିସ୍ ବ୍ୟାଗ ପାଇପ୍ ଓ ଅଷ୍ଟ୍ରେଲିଆ ଦେଶରେ ଆଦିବାସୀମାନେ କଙ୍ଗାରୁ ଓ ଓଟପକ୍ଷୀକୁ ଶିକାରପାଇଁ ବ୍ୟବହାର କରୁଥିବା ବିରଳ ବୁମେରାଂ ଅସ୍ତ୍ର ସଂଗୃହିତ ହୋଇଛି । ଓଡ଼ିଶାର ଖ୍ୟାତନାମା ସାହିତ୍ୟିକ ସ୍ୱର୍ଗତ ବାମାଚରଣ ମିତ୍ରଙ୍କ ପୁତ୍ର ବାୟୁସେନା ଅଧିକାରୀ ମନ୍ମୁମାନ୍ ମିତ୍ର ଜର୍ମାନ ଦେଶର ପୁରାତନ କାନ୍ଥଘଣ୍ଟା ଓ ଚୀନ୍ ଦେଶର ବୌଦ୍ଧ ସନ୍ନ୍ୟାସୀମାନଙ୍କ ପିତଳ ନିର୍ମିତ ତିନୋଟି ପୁରାତନ ପ୍ରଦାନ କରିଛନ୍ତି। ସାହିତ୍ୟିକ ବାମାଚରଣଙ୍କ ହାତଲେଖା ସାହିତ୍ୟକୃତି ନିବନ୍ଧମାନ ଓ କଟକ ସହର ଡଗରପଡ଼ାର ଗୌତମ ଦାସ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦିବଂଗତ ନ୍ୟାୟମୂର୍ତ୍ତି ଗୋପାଳ ଚନ୍ଦ୍ର ଦାସଙ୍କ ଇଂଲଣ୍ଡରେ ନିର୍ମିତ ଓ ବ୍ୟବହୃତ ୧୯୪୬ ମସିହାର ପୁରାତନ ଏକ ବାକ୍ସ ଅଣାଯାଇଛି। ଗାମ ଜିଲା ଜଗନ୍ନାଥପ୍ରସାଦ ନିମ୍ବପଦର ଗାଁର ଶିବାନନ୍ଦ ଦୋରା ୧୯୪୦ ମସିହାର ପୁରାତନ ମାପ ଓଜନ ନିକିତି ଏବଂ ନୂଆଗାଁ ବ୍ଲକ୍‌ର ସିଙ୍ଗାରପଲ୍ଲୀ ଆମ୍ବପଡ଼ା ଗାଁର କେନ୍ଦ୍ରୀୟ ସୁରକ୍ଷା ଅଧିକାରୀ ବୁଦ୍ଧପ୍ରସାଦ ପ୍ରଧାନ ଅରୁଣାଚଳ ପ୍ରଦେଶର ନିଶି ଆଦିବାସୀମାନଙ୍କ ବ୍ୟବହୃତ ମିଆଁମାର ଦେଶର ବାଉଁଶରେ ନିର୍ମିତ କାଣ୍ଡଶର, ଟୀରମୁଣି ଓ ଜଙ୍ଗଲ ବିଲେଇର ମୁଣ୍ଡ ଖପୁରୀମାନ ସମସ୍ତ ବିରଳ ଓ ପୁରାତନ ସାମଗ୍ରୀମାନ ସଂଗୃହିତ ହୋଇଥିବା ସଂଗ୍ରାହାଳୟର ସମ୍ପାଦକ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଭତ୍ତା ଟଙ୍କା ପାଇଁ ବୃଦ୍ଧାବୃଦ୍ଧ ହନ୍ତସନ୍ତ

ଖଣ୍ଡପଡ଼ା,୨୮।୫(ଅଜୟ କୁମାର ମହାରଣା)

ଭିନ୍ନକ୍ଷମ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସରକାର ପ୍ରତି ମାସରେ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି । ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଓ ଏନଏସି ଅଞ୍ଚଳରେ ଅନେକ ଭିନ୍ନକ୍ଷମ ବୟସ୍କ ହିତାଧିକାରୀମାନେ ଅଛନ୍ତି, ଯେଉଁମାନେ ପ୍ରତିମାସରେ ପଞ୍ଚାୟତ ଅବା ଏନଏସି କାର୍ଯ୍ୟାଳୟ ନତୁବା ଜାତୀୟକରଣ ବ୍ୟାଙ୍କ ଶାଖାକୁ ଯାଇ ଭତ୍ତା ଟଙ୍କା ଆଣିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ପରିବାରବର୍ଗ ନତୁବା ସମ୍ପର୍କୀୟ ବ୍ୟକ୍ତିମାନେ ଭତ୍ତା ଟଙ୍କା ଆଣିବା ପାଇଁ ନାକେଦମ ହେବାକୁ ପଡୁଛି । ଏହି ଧରଣର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ପ୍ରତିମାସରେ ଭତ୍ତା ଟଙ୍କା ସେମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଇ ପାରିଲେ ସଂପୃକ୍ତ ହିତାଧିକାରୀମାନେ ଆଉ ଅସୁବିଧାର ସମ୍ମୁଖୀନ ହୁଅନ୍ତେ ନାହିଁ ବୋଲି ଜଣାପଡିଛି । ଏଥିପ୍ରତି ପଞ୍ଚାୟତ, ଏନଏସି ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଗ୍ରୀନ କ୍ଲବ ପକ୍ଷରୁ ମୋ ଗଛ, ମୋ ଗର୍ବ କାର୍ଯ୍ୟକ୍ରମ

ଶରଣକୂଳ,୨୮।୫ (ଦୀପକ କର)

ଶରଣକୂଳ ନିକଟ ହରିହରପୁର ଗ୍ରୀନ୍‌କ୍ଲବ ପକ୍ଷରୁ ମୋ ଗଛ, ମୋ ଗର୍ବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗ୍ରୀନ କ୍ଲବ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଚାରା ରୋପଣ କରି ଲୋକଙ୍କୁ ସଚେତନ କରିବା, ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ ଦେବା ଦିଗରେ ଅହରହ ଉଦ୍ୟମ କରିଛନ୍ତି। ଗତବର୍ଷ ବିଭିନ୍ନ ସ୍କୁଲ, କଲେଜ, ପୋଖରୀ, ରାସ୍ତାର ଉଭୟ ପାର୍ଶ୍ୱ, କ୍ଲବ ଘର ଆଦି ସ୍ଥାନରେ କ୍ଲବ ସଦସ୍ୟ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଶତାଧିକ ଚାରା ରୋପଣ କରିଛନ୍ତି। ଏବେ ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଚାଲିଥିବା ବେଳେ ବୁଧବାର କ୍ଲବ ପକ୍ଷରୁ ମୋ ଗଛ ମୋ ଗର୍ବର ସ୍ଲୋଗାନ ଦେଇ ଚାରା ରୋପଣ କରିଛନ୍ତି। ଗ୍ରୀନ କ୍ଲବ ସଭାପତି ବିଭୁ ପ୍ରସାଦ ମିଶ୍ର ଓ ସମ୍ପାଦକ କୁମାର ବରାଡଙ୍କ ଉଦ୍ୟମରେ ହରିହରପୁର ଗାଁ ସଭାପତି ମଙ୍ଗୁଳି ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ କିଶୋର ନାୟକ, ସୌଦାଗର ନାୟକ, ମଙ୍ଗୁଳି ସ୍ୱାଇଁ, ଶରତ ଛନ୍ଦ୍ର ବରାଡ଼ ଆଦି ୧ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସମସ୍ତେ ପରିବେଶ ସୁରକ୍ଷା ପାଇଁ ପଲିଥିନ, ପ୍ଲାଷ୍ଟିକ ବର୍ଜନ କରିବା ସହିତ ଚାରା ରୋପଣ କରି ତା'ର ଯତ୍ନ ନେବାକୁ ଶପଥ ନେଇଥିଲେ।



ଗ୍ରୀନ୍ କ୍ଲବ ପକ୍ଷରୁ ଚାରାରୋପଣ କରାଯିବା ସହ ସଚେତନତା ସୃଷ୍ଟି କରାଯାଉଛି।

# ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର

ନୟାଗଡ଼,୨୮।୫ (ଲୋକନାଥ ମିଶ୍ର)




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼ ଏନଏସି ହାଇସ୍କୁଲଠାରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଅଲ ଓଡ଼ିଶା ଚେସ ଆସୋସିଏଶନର ସମ୍ପାଦକ ଇଂ.ଦେବବ୍ରତ ଭଞ୍ଜ ଯୋଗଦାନ କରି ପିଲାମାନଙ୍କୁଉତ୍ସାହିତ କରିଥିଲେ। ଏଥିସହିତ ଚେସ ଖେଳ ଶୃଙ୍ଖଳା ଜ୍ଞାନ ଶିଖାଇବା ସହିତ ସମସ୍ୟା ସମାଧାନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି ଭଲ ଚେସ ଖେଳୁଥିବା ପିଲାମାନେ ଭଲ ପାଠ ପଢ଼ନ୍ତି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିବା ସହିତ ନୟାଗଡ଼ ଜିଲାର ସମସ୍ତ ଚେସ୍ କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଦାଶ ଯୋଗ ଦେଇ ଚଳିତ ଶିକ୍ଷାବର୍ଷରୁ ବିଦ୍ୟାଳୟସ୍ତରରେ ଚେସ ଖେଳକୁ ଅଧିକ ଲୋକପ୍ରିୟ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଜିଲା ଚେସ ସଂଘ ଉପ ସଭାପତି ବାଲାରସେନ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ କୋଷାଧ୍ୟକ୍ଷ ତାରୁନ ଖାଁ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ, ଶିବିରର ଆଭିମୁଖ୍ୟ ଏବଂ ଫଳାଫଳ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ରିତେଶ କୁମାର ରଥ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ସଦସ୍ୟ ଧିରେନ ପ୍ରଧାନ, ଅଜିତ କୁମାର ମିଶ୍ର, ଶିଶିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ଆସାମର ଗୌହାଟିଠାରେ ଅନୁଷ୍ଠିତ ସର୍ବଭାରତୀୟ ଆସାମ ପ୍ରିମିୟର ଲିଗ୍‌ରେ ଓଡ଼ିଶା ଦଳ ଚମ୍ପିୟାନ ହୋଉଥିବାରୁ ବିଜୟୀ ଦଳକୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଜୟ ପ୍ରକାଶ ବୈରୀଗଞ୍ଜନ, ବାଲାରସେନ ପାତ୍ର, ଶିଶିର କୁମାର ନାୟକ ଏବଂ ହାଡୁବନ୍ଧୁ ସାହୁ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ମଞ୍ଜିତ ଜେନା ଏବଂ ଚିତ୍ତରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୩ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତେ ଅତିଥିମାନଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ


ରେଲୱେ ଲେଭଲ କ୍ରସିଂ ନିକଟ ଖଣ୍ଡିଆ ବନ୍ଦ ପୋଲକୁ ଲାଗିଥିବା ରାସ୍ତା।


ଜେନାପୁର ମେଡିକାଲଠାରୁ ଜେନାପୁର ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା।

**ଜେନାପୁର,୨୮।୫(ଅଶୋକ ଦାସ):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ମେଡିକାଲଠାରୁ ଜେନାପୁର ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ପ୍ରଭାବିତ ହେଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ଏହି ରାସ୍ତାର ମରାମତି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାରୁ ମେଟାଲ ଓ ଚିପ୍ସ ଉଠିଯାଇଛି। ଫଳରେ ରାସ୍ତା ଦେଇ ଲୋକେ ମନ୍ଦିର, ମେଡିକାଲ, ଥାନା, ଷ୍ଟେଶନ, ବ୍ୟାଙ୍କ ଓ ପୋଷ୍ଟ ଅଫିସକୁ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ କ୍ଷତି ହେଉଛି। ପୂର୍ତ୍ତ ବିଭାଗ(ଗୋପାଳପୁର) ଅଧୀନରେ ଥିବା ଏହି ରାସ୍ତା ମରାମତି ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଆମ୍ବୁଲାନ୍ସ, ଅଗ୍ନିଶମ ଆଦି ଗାଡ଼ି ଗାଁକୁ ଆସି ପାରୁନାହିଁ। ସେହିପରି ଜେନାପୁର ରେଲୱେ ଲେଭଲ କ୍ରସିଂ ନିକଟ ଖଣ୍ଡିଆ ବନ୍ଦ ପୋଲକୁ ଲାଗିଥିବା ରାସ୍ତାରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏହା ଅଞ୍ଚଳବାସୀଙ୍କ ମୁଖ୍ୟ ରାସ୍ତା ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମରାମତି ଦିଗରେ ପଦକ୍ଷେପ ନ ନେବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ରାସ୍ତା ମରାମତି ଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କନିଷ୍ଠ ଯନ୍ତ୍ରୀ ବିରେନ ବସୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ଯାଜପୁର ସଦର,୨୮।୫(ସମର ବିଜୟ ଶରଣ):**

ଯାଜପୁର ସଦର ଥାନା ଉପର ବଳୁଆଁ ପଞ୍ଚାୟତର କଟେରୀ ଗାଁରେ ବାଲି ଉତ୍ତୋଳନକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନ କୁମାର ନାୟକ(ଡିମ୍ପୁ)। ଅଭିଯୋଗ ମୁତାବକ, ଖରସ୍ରୋତା ନଦୀର କଟେରୀ ଗାଁ ନଦୀଘାଟରୁ ୨୦ ବର୍ଷ ହେବ ଜଣେ ବ୍ୟକ୍ତି ବାଲି ଉଠାଉଛନ୍ତି। ବୁଧବାର ସେହି ଗ୍ରାମର ତପନ ଲେଙ୍କା ନାମକ ଯୁବକ ନିଜ ଘର କାମ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କ ରାସ୍ତାକୁ ବ୍ୟବହାର କରି ବାଲି ଉତ୍ତୋଳନ କରୁଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଓ ତାଙ୍କ କର୍ମଚାରୀମାନେ ଠେଙ୍ଗା ଓ ଭୁଜାଲି ଧରି ତପନଙ୍କୁ ଆକ୍ରମଣ କରିଥିଲେ। ଫଳରେ ତପନ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ତପନଙ୍କ ଭାଉଜ ମାନସୀ ଲେଙ୍କା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ୪ ଜଣଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ଦେଖାଦେବାରୁ ସଦର ଥାନା ପକ୍ଷରୁ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଥାନାରେ ନଂ.୧୮୩/୨୫ ଓ ୧୮୫/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।

## ମେସର୍ସ ସିରିୟସ ସ୍ପେଶାଲିଟି କେମିକାଲ୍ସର ଜନଶୁଣାଣି



ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

**କଳିଙ୍ଗନଗର,୨୮।୫(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ପ୍ରସ୍ତାବିତ ମେସର୍ସ ସିରିୟସ ସ୍ପେଶାଲିଟି କେମିକାଲ୍ସ ପ୍ରାଇଭେଟ ଲିମିଟେଡ(କୋଲଟାର)କାରଖାନା ନିମନ୍ତେ ବୁଧବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଦାନାଗଦି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ କଳିଙ୍ଗନଗର ଏଡିଏମ ସପନ କୁମାର ନନ୍ଦ ଯୋଗଦେଇ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ପୂର୍ବାହ୍ନ ୧୧ଟାରୁ ଏହି ଶୁଣାଣି ଆରମ୍ଭ ହୋଇ ମଧାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଜନଶୁଣାଣିରେ ମୋଟ ୭୧ ଜଣ ପଞ୍ଜିକରଣ କରିଥିଲେ। କାରଖାନା ସପକ୍ଷରେ ୬୯ ଜଣ ମତ ରଖିଥିବାବେଳେ କାରଖାନା ବିପକ୍ଷରେ ମାତ୍ର ୨ ଜଣ ମତ ରଖିଥିଲେ।

କାରଖାନା ସପକ୍ଷରେ ମାନତିରା ପଞ୍ଚାୟତର ସରପଞ୍ଚ ରଶ୍ମିତା ପାତ୍ର, ସଞ୍ଜୟ କୁମାର ମହାନ୍ତି, ମନୋଜ ବେହେରା, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ, ଯଖପୁରା ପଞ୍ଚାୟତର ରାମଚନ୍ଦ୍ର ପୋହି, ଦିଲୀପ ନାୟକ, ପଙ୍କପାଳ ପଞ୍ଚାୟତ ସରପଞ୍ଚ ସ୍ମୃତିରଞ୍ଜନ ସାମଲ, ପଙ୍କପାଳ ପଞ୍ଚାୟତର ବୁଲୁ ଯାଦବ, ପ୍ରଶାନ୍ତ ରାୟ, ସୁଧାଂଶୁ ଭଞ୍ଜ, ପ୍ରଭାସ ସିଂ, ପ୍ରତାପ ଧୀର, ଚନ୍ଦନ କୁମାର କର, ଦେବେନ୍ଦ୍ର ମିଶ୍ର, ରାଜେନ୍ଦ୍ର କାଲୁଣ୍ଡିଆ, ବଳରାମ ଆଇଚ, ମଧୁସ୍ମିତା ମହାନ୍ତି ଓ ପ୍ରିତମ ରାୟ ପ୍ରମୁଖ ମତ ରଖିଥିଲେ।

ସେହିପରି କାରଖାନା ବିପକ୍ଷରେ ସ୍ଥାନୀୟ ଅଞ୍ଚଳର ଯୁବକ ଦୀପକ ମହାନ୍ତି, ବଳୟ ସାହୁ ସେମାନଙ୍କ ମତ ରଖିଥିଲେ। କାରଖାନା ପକ୍ଷରୁ ଆମେଶ୍ୱର ବେହେରା କହିଥିଲେ, ଯଖପୁରା ଗ୍ରାମରେ ଏହି କାରଖାନା ପ୍ରତିଷ୍ଠା ପାଇଁ ଇଡ୍‌କୋ ପକ୍ଷରୁ ୨୧.୩୫୯ ହେକ୍ଟର ଜମି ସରକାର ଯୋଗାଇଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଥିବା ୪୧୮୪ ଘନ ମିଟର ପାଣି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବ୍ୟବହାର କରାଯିବ। ଟିପିଏନଓଡିଏଲ ପକ୍ଷରୁ ଆବଶ୍ୟକ ୨.୨ ମେଗାୱାଟ ବିଦ୍ୟୁତ୍ ଯୋଗାଇଦିଆଯିବ। କାରଖାନା ପରିସରରେ ଆବଶ୍ୟକ ୩୩% ଜାଗାରେ ଚାରାରୋପଣ କରାଯିବା ସହ ପ୍ରଦୂଷଣ ନିୟମକୁ ମାନି ସେଥିପାଇଁ ଆବଶ୍ୟକ ଯନ୍ତ୍ରାଂଶ ସ୍ଥାପନ କରାଯିବ। ନଦୀରୁ ବ୍ୟବହୃତ ପାଣିକୁ ବିଶୋଧନ କରାଯାଇ ପୁନଃ ବ୍ୟବହାର କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# କନ୍ୟା ପାଇଁ ଗୋଟିଏ ଦିନ ସଚେତନତା କାର୍ଯ୍ୟକ୍ରମ

**ଧର୍ମଶାଳା,୨୮।୫(ବଟକୃଷ୍ଣ ପରିଡ଼ା):**



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ରୋଟାରି ଓ ଇନର ହୁଇଲ୍ କ୍ଲବ କର୍ମକର୍ତ୍ତା।

ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି ଓ ଇନର ହୁଇଲ୍ କ୍ଲବ ପକ୍ଷରୁ ଜିଲା ରୋଟାରି ସଭାପତି ଯଜ୍ଞାଂଶି ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ କନ୍ୟା ପାଇଁ ଗୋଟିଏ ଦିନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଭୟ କ୍ଲବ୍ କର୍ମକର୍ତ୍ତା ଜାରକା ବଜାର ପରିକ୍ରମା କରିବା ପରେ ଏକ ପଥପ୍ରାନ୍ତ ସଭା ଜାରକା ଓଭର ବ୍ରିଜ ତଳେ ଆୟୋଜନ କରାଯାଇଥିଲା। ଏଥିରେ ଜାରକା ରୋଟାରି କ୍ଲବ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରତିନିଧି ରୋଟାରିୟାନ ବିଶ୍ୱେଶ୍ୱର ବେହେରା ଓ ସରୋଜ କୁମାର ଦାଶ ଯୋଗଦେଇ କହିଥିଲେ, ୨୦୧୧/୧୨ରେ ୧୦୦୦ ପୁଅଙ୍କ ତୁଳନାରେ ୯୭୯କନ୍ୟା ଥିଲେ। ୨୦୧୨ ବେଳକୁ ଏହା ହ୍ରାସପାଇ ୯୩୩ରେ ପହଞ୍ଚିଛି। ପୁଅ ଝିଅଙ୍କ ମଧ୍ୟରେ ରହିଥିବା ବାଛବିଚାର ଦୂର ହୋଇପାରୁନାହିଁ। ଆଗାମୀ ଦିନରେ ଏହା ଅବ୍ୟାହତ ରହିଲେ କନ୍ୟା ଶଙ୍କଟ ଦେଖା ଦେବ ଓ ସମାଜରେ କୁପ୍ରଭାବ ପଡ଼ିବ। ପୁଅହେଉ ବା ଝିଅ ସମସ୍ତଙ୍କୁ ସମାନ ଦୃଷ୍ଟିରେ ବାପମାଆ ଓ ପରିବାର ଦେଖିବାର ଆବଶ୍ୟକତା ଦେଖାଦେଇଛି ବୋଲି ଉଭୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରରେ ଜାରକା ରୋଟାରି କ୍ଲବ୍ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାମଲ, ହରିହର ପଣ୍ଡା, ଧରଣୀଧର ଦାଶ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ବିନୋଦ ବିହାରୀ ପରିଡ଼ା, କଳାକର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ଚକ୍ରଧର ଲେଙ୍କା, ଦୀପକ କୁମାର ଜେନା, ବିପିନ ଷଡ଼ଙ୍ଗୀ, ଇନରହୁଇଲ କ୍ଲବର ପୂର୍ବତନ ସଭପତି ମିନତି ସାହୁ, କଳ୍ପନା ଖୁଣ୍ଟିଆ ଓ ସାମାଜିକ କର୍ମୀ ଗୋଲଖ ପଲେଇ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବିରଜା ସେବା ସମିତିର ବୈଠକ

ଯାଜପୁରଟାଉନ,୨୮।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବିରଜା ସେବା ସମିତିର ମାସିକ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ର ମା'ଙ୍କ ସ୍ତୋତ୍ରପାଠ କଲାପରେ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରମୋଦ ଦ୍ୱିବେଦୀ ପାଞ୍ଜି ଦେଖି ୨୦୨୪-୨୫ର ବାର୍ଷିକ ସାଧାରଣ ବୈଠକ ଆସନ୍ତା ଜୁନ୍ ୨୨ ତାରିଖ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହେଲେ ଠିକ୍ ହେବ ବୋଲି କହିଥିଲେ। ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ ଓ କୋଷାଧ୍ୟକ୍ଷ ହରିହର ବେହେରା ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଦେଇଥିଲେ।

# ୨ଜଣଙ୍କୁ ଗିରଫ୍‌କଲା କ୍ରାଇମ୍‌ବ୍ରାଞ୍ଚ

**କଟକ,୨୮।୫(କାର୍ତ୍ତିକ ସାହୁ)**

■ ୧ କୋଟି ୮ ଲକ୍ଷ ଟଙ୍କା ଠକେଇ
■ ଅନ୍‌ଲାଇନ କ୍ରିକେଟ ବେଟିଂରେ ଫସିଥିଲେ


ଗିରଫ ୨ ଅଭିଯୁକ୍ତ

ଅନଲାଇନ ଗେମ୍‌ରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗର ଏସ.କେ. ୱାସିଉଲ ଇସଲାମ ଓରଫ ରୋହନ ଏବଂ ଭୁବନେଶ୍ୱର ଖାରବେଳନଗର ଅଞ୍ଚଳର ଜ୍ୟୋତି ପ୍ରକାଶ ପଲାଇ। ତାଙ୍କ ନିକଟରୁ ପାସ୍‌ବୁକ, ଚେକ୍, ମୋବାଇଲ ଫୋନ, ସିମ୍‌କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ, ଆଧାର ଏବଂ ପାନ୍ କାର୍ଡ ଜବତ ହୋଇଛି। ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଅଚଳ କରିଥିବା ଜଣାଯାଇଛି। ୱାସିଉଲଙ୍କୁ ପଶ୍ଚିମବଙ୍ଗ ଏବଂ ଜ୍ୟୋତିଙ୍କୁ ଭୁବନେଶ୍ୱରରୁ ମଙ୍ଗଳବାର ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଯାଜପୁର ଜିଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ ଗେମ୍‌ରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସାଇବର ଥାନାରେ ଅଭିଯୋଗ ହୋଇଥିଲା। ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ ବେଟିଂର ୨ଟି ୱେବସାଇଟ ଲିଙ୍କ୍ ଶେୟାର କରିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ଅଳ୍ପ ଟଙ୍କା ବିନିଯୋଗ କରିଥିଲେ। ପ୍ରାଥମିକ ଅବସ୍ଥାରେ ସାଇବର ଅପରାଧୀ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଯଦ୍ୱାରା ସେ ବିନିଯୋଗ କରିଥିବା ଟଙ୍କା ଫେରସ୍ତ ପାଇବା ନେଇ ତାଙ୍କ ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀ ଜଣକ ତାଙ୍କ ସ୍ତ୍ରୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ହେଲେ ସାଇବର ଅପରାଧୀ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବ୍‌ସାଇଟ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

झारखण्ड सरकार
**क्षेत्र सर्वेक्षण प्रमण्डल, अग्रिम योजना**
पथ निर्माण विभाग, दुमका

**अल्पकालीन ई-प्रोक्योरमेंट सूचना (1st Call)**
ई–निविदाप्रसंग सं० :– RCD/FSD/AP/DUM/01/2025-26
दिनांक :– 27/05/2025

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 18+255 Km of Gumro To Ghasimarni (Fatehpur) via Garapathar Road (Total Road Length- 19.92 Km) Under Road Division Dumka in the State of Jharkhand. |
| 2. | अनुमानित लंबाई | 95.00 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 29.05.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 12.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 13.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं० | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं० | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
PR 353692 Road (25-26)_D
कार्यपालक अभियंता, क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका

**Office of the Executive Engineer**
**Road Construction Department,**
**Road Division, Chaibasa**
eercdchaibasa-jhr@nic.in

**Very Short E-Procurement Notice**
**E-tender Reference No. : RCD/CHAIBASA/2024-25/17 (8th Call)**
**Date : 28.05.2025**

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 02.06.2025 at 11.30 AM |
| 5. | Last date/Time for receipt of bids. | 16.06.2025 Up to 3.00 P.M. |
| 6. | Date of Opening of Bid | 17.06.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in
PR 353710 West Singhbhum(25-26)#D
Executive Engineer
RCD, Road Division, Chaibasa.

**ZILLA SWASTHYA SAMITI, CUTTACK**
**REQUEST FOR PROPOSAL (RFP) FOR OUTSOURCING OF MECHANISED LAUNDRY SERVICES UNDER NIRMAL**

**No.E-114** : Sealed proposals as per the prescribed RFP documents are invited from eligible bidders for providing of Mechanised Laundry Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0004/2526

**ZILLA SWASTHYA SAMITI, CUTTACK**
**REQUEST FOR PROPOSAL (RFP) FOR OUTSOURCING OF SECURITY SERVICES UNDER NIRMAL**

**No.E-115** : Sealed proposals as per the prescribed RFP documents are invited from eligible bidders for providing of Security Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0006/2526

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 2060 Date : 27.05.2025
**QUOTATION CALL NOTICE FOR SUPPLY OF STATIONERY ARTICLES**

**No.C-396** : Sealed Quotation for the year 2025-26 are invited from local suppliers / Dealers for supply of **Printing Materials** to be used in office of the Municipal Council, Jeypore for official purpose. The term and conditions are detailed below.
1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt: 28.05.2025 to dt: 10.06.2025 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt. GST and other Tax Clearance Certificate, Aadhaar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the undersigned through Registered/Speed Post by dt: 10.06.2025 11.00 A.M. which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

Sd./- Executive Officer
Jeypore Municipality
OIPR-13079/11/0041/2526

**कार्यपालक अभियन्ता का कार्यालय,**
ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ନିର୍ଦ୍ଦେଶକମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨) /** **ଋଣଗ୍ରହୀତା: ମେସର୍ସ ଗିପି କାର୍ବନ ଏଣ୍ଡ୍ କେମିକାଲ୍ସ ପ୍ରା. ଲିଃ. (CIN-U23101OR2022PTC039731, ଆରଓସି-ଆରଓସି କଟକ),** ପ୍ଲଟ୍ ନଂ.: ଏଫ୍ଏଲ୍ ୨ଏଲ୍‌ବି ବିଏଲ୍ ୭, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪ / **ନିର୍ଦ୍ଦେଶକମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, ୨) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, ୩) **ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ଏ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, ୪) **ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, ୨) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, ୩) **ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ଏ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, ୪) **ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯, ୫) **ଶ୍ରୀମତୀ ଦେବଶ୍ରୀ ସାହୁ,** ସ୍ୱାମୀ: ଗୌରୀ ପ୍ରସାଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪ | **କ) ସ୍ଥାବର ସମ୍ପତ୍ତି: ୧) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧କୋଟା ୧୨ ଚିତକ ୪୧ ବର୍ଗଫୁଟ ସହିତ ତିନିମହଲା ବିଶିଷ୍ଟ ବିଲ୍ଡିଂ ଯାହାର ପରିମିତ କ୍ଷେତ୍ର: ୩୧୧୧ ବର୍ଗଫୁଟ (ପ୍ରତ୍ୟେକ ମହଲା ୧୦୩୭ ବର୍ଗଫୁଟ) ଯାହାକି ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, କୋଲକାତା-୭୦୦୦୨୬, ଥାନା: ପୂର୍ବର ଭବାନୀପୁର ବର୍ତ୍ତମାନ କାଳିଘାଟ, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଅନ୍ୟମାନଙ୍କ ସମ୍ପତ୍ତି, ପୂର୍ବ: ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ପଶ୍ଚିମ: ଅନ୍ୟମାନଙ୍କ ସମ୍ପତ୍ତି **CERSAI ID- 400067536688, ସ୍ଥାବର ସମ୍ପତ୍ତି: ୨) ଶ୍ରୀମତୀ ଗୁଲସାନା ସେଖଙ୍କ** ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୨ୟ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଦକ୍ଷିଣ ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିତକ ୨୦ ବର୍ଗଫୁଟ ଏବଂ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୧ମ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଉତ୍ତର ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିତକ ୨୦ ବର୍ଗଫୁଟ, ଉଭୟ ସ୍କିମ୍ ପ୍ଲଟ ନଂ.: ୧୬୩ ଏ ଅନ୍ତର୍ଗତ ନିର୍ମିତ ଏବଂ କେଏମ୍‌ସି ପ୍ରିମାଇସେସ୍ ନଂ.: ୩୦୬, ଅଜୟ ନଗର ନାମରେ ନାମିତ, ଆର.ଏସ୍ ଦାଗ ନଂ.: ୨, ଆର୍.ଏସ୍. ଖତିଆନ ନଂ.: ୨, ସି.ଏସ୍ ଦାଗ ନଂ.: ୨/୪୦, ସି.ଏସ୍ ଖତିଆନ ନଂ.: ୧-୧୪, ରେଭିନ୍ୟୁ ସର୍ଭେ ନଂ.: ୮ ଏବଂ ୧/୨, ତଉଜି ନଂ.: ୧୫୧, ମୌଜା: ଚକଗଣିଆଗାଛି, ଜେ.ଏଲ୍ ନଂ.: ୨୪, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ୱାର୍ଡ ନଂ.: ୧୦୯, ପୂର୍ବର କସବା ଥାନା ବର୍ତ୍ତମାନର ପୂର୍ବ ଯାଦବପୁର, ପୋ.: ସନ୍ତୋଷପୁର ଏବଂ ସବ୍-ରେଜିଷ୍ଟ୍ରି: ସିଆଲଦା, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ଫୁଟିଆ ଚଉଡ଼ା ରାସ୍ତା, ଦକ୍ଷିଣ: ୨୭ ଫୁଟିଆ ଚଉଡ଼ା ରାସ୍ତା, ପୂର୍ବ: ଅନ୍ୟମାନଙ୍କ ସମ୍ପତ୍ତି, ପଶ୍ଚିମ: ୨୫୦ ଫୁଟିଆ ଚଉଡ଼ା ଇ.ଏମ୍ ବାଏ ପାସ୍, **CERSAI ID- 400067111864 / ଖ) ୦୫.୦୩.୨୦୨୫ / ଗ) ୨୬.୦୫.୨୦୨୫ / ଘ) ଟ.୫,୯୫,୩୯,୭୭୫.୭୪ (ପାଞ୍ଚ କୋଟି ପଞ୍ଚାନବେ ଲକ୍ଷ ଅଣଚାଳିଶି ହଜାର ସାତ ସହ ପଞ୍ଚସ୍ତରି ଟଙ୍କା ଏବଂ ଚଉସ୍ତରି ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୮.୦୫.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

# ପ୍ରବଳ ବର୍ଷା ସମ୍ଭାବନା, ଭୟରେ ନଦୀକୂଳବାସୀ

**ଯାଜପୁର,୨୮।୫(ହର୍ଷବର୍ଦ୍ଧନ ବେହେରା):**

- ବନ୍ୟା ନିୟନ୍ତ୍ରଣ ପାଇଁ ଅଟକିଛି ଏକାଧିକ ପ୍ରତିଶ୍ରୁତି
- ଚିରସ୍ରୋତା ଦାବିକୁ ବିତିଛି ୭ ଦଶନ୍ଧି
- ବହୁ ଦୂରରେ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ
- ନିୟନ୍ତ୍ରଣ ହୋଇପାରୁନି ବନ୍ୟା ପରିସ୍ଥିତ

ଉତ୍ତର ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ବୁଧବାର ସକାଳୁ ସାରା ଯାଜପୁର ଜିଲାରେ ଘଡଘଡି ଓ ବିଜୁଳି ସହ ବର୍ଷା ହୋଇଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲା ସମେତ କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ମଙ୍ଗଳବାର ଏହି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧସ୍ଥନ ସଚିବ ସସ୍ମିତା ମିଶ୍ର ଦୁର୍ବଳ ନଦୀବନ୍ଧଗୁଡିକ ଉପରେ ତୀକ୍ଷଣ ଦୃଷ୍ଟି ରଖିବା ସହ ଡ୍ରେନେଜଗୁଡିକରେ ବନ୍ୟାପାଣି ସହଜରେ କେମିତି ନିଷ୍କାସିତ ହୋଇ ପାରିବ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଚିଫ୍ ଇଞ୍ଜିନିୟର, ବେସିନ ମ୍ୟାନେଜର, ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ପ୍ରମୁଖ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ନଦୀବନ୍ଧ ସୁରକ୍ଷା ଦାୟିତ୍ୱରେ ଥିବା ଇଞ୍ଜିନିୟରମାନଙ୍କୁ ନିଜର କାର୍ଯ୍ୟାଳୟ ବିନା ଅନୁମତିରେ ନ ଛାଡିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ବୈତରଣୀ ଓ ଏହାର ଶାଖାନଦୀଗୁଡିକ ସହ ସଂଯୋଗ ଥିବା ଗରବନ୍ଧ, କେନ୍ଦୁଆ ଓ କାଠ ଡ୍ରେନ ସଫେଇ କାର୍ଯ୍ୟ ହୋଇ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ବାହାଘର ବେଳେ ବାଇଗଣ ରୁଆ ଉକ୍ତି ଭଳି ଦୁଇ ସପ୍ତାହ ତଳେ ଏହି ତିନି ଡ୍ରେନର ସଫେଇ ପାଇଁ ୨୨ କୋଟି ୭୫ ଲକ୍ଷ ମଞ୍ଜୁର ହୋଇଛି।

ଯାଜପୁର ଜିଲାରେ ପ୍ରତିବର୍ଷ ପ୍ରାୟ ଲଘୁଚାପ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଆସୁଛି। ଏଭଳି ସ୍ଥିତିରେ ସରକାର ସ୍ଥାୟୀ ବନ୍ୟା ମୁକାବିଲା ପରିବର୍ତ୍ତେ କେବଳ ସଜାଗ ହୋଇଥାନ୍ତି। ଜିଲାରେ ବ୍ରାହ୍ମଣୀ, ବୈତରଣୀ, ବୁଢା, ଖରସ୍ରୋତା ଓ ବିରୂପା ଆଦି ନଦୀ ପ୍ରବାହିତ ହୋଇଛି। ବ୍ରାହ୍ମଣୀ ନଦୀକୁ ମୁଖ୍ୟତଃ ଚିରସ୍ରୋତା କରାଯିବା ପାଇଁ ୧୯୫୬ରୁ ଦାବି ହୋଇ ଆସୁଥିଲେ ହେଁ ରାଜନୈତିକ ଆନ୍ତରିକତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ସେହିପରି ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ଆଦି ଯୋଜନା ମଧ୍ୟ ପ୍ରତିଶ୍ରୁତିରେ ଅଟକିଛି। ଏହାବାଦ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି। ଏହାର ସମାଧାନ ପାଇଁ ଜିଲାର ବରୀ, ସୁଜନପୁର, ବିଞ୍ଝାରପୁର, ଜେନାପୁର ଅଞ୍ଚଳର ଲୋକମାନେ ସଂଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି କରି ଆସୁଛନ୍ତି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କିମି ବନ୍ଧ ଓ ଅପର ପାର୍ଶ୍ୱରେ ୧୮୦ କିମି ବନ୍ଧ ନିର୍ମାଣ ହୋଇଛି । କିନ୍ତୁ ଏହି ନଦୀବନ୍ଧଗୁଡିକର ସମସ୍ତ କ୍ଷେତ୍ରକୁ ଏ ଯାବତ ସୁଦୃଢ଼ୀକରଣ କରାଯାଇ ପାରିଲା ନାହିଁ। ଫଳରେ ବନ୍ୟା ହେଲେ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ଗ୍ରାମଗୁଡିକୁ ଜଳମଗ୍ନ କରୁଆସୁଛି। ବନ୍ୟା ସୁରକ୍ଷିତ ଅଞ୍ଚଳକୁ ବନ୍ୟା ସମୟରେ ଅନୂନ୍ୟ ୨୪ ଟି ଫୁକାର କରାଯାଇ କୃଷି ଉପଯୋଗୀ ଜମିକୁ ଉର୍ବର କରାଯାଇ ପାରନ୍ତା ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ପ୍ରସ୍ତାବ ଦେଇଛନ୍ତି । ସେହିଭଳି ନଦୀ ଉପତ୍ୟକା ଅଞ୍ଚଳକୁ ଅତିକମରେ ୨୨ଟି ନାଳ ଦ୍ୱାରା ସଂଯୋଗୀକରଣ କରାଗଲେ ବନ୍ୟାର ପ୍ରକୋପକୁ ଜିଲାରେ ହ୍ରାସ କରାଯାଇପାରନ୍ତା ବୋଲି ଦାବିପତ୍ର ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବନ୍ୟା ସମୟର ପାଣି ସମୁଦ୍ରକୁ ବହି ଯାଉଥିବାରୁ ଖରସ୍ରୋତା, ବୁଢା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଏଁ ଚେକଡ୍ୟାମ କରାଯିବାକୁ ବହୁ ଦିନରୁ ଦାବି ହୋଇ ଆସୁଛି। ଏ ଦିଗରେ ୨୦୦୨ରୁ କେନ୍ଦ୍ର ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ତାକୁ କାର୍ଯ୍ୟକାରୀ କରିବାରେ ରାଜନୈତିକ ଇଚ୍ଛାଶକ୍ତି ନ ଥିବା ଦୁଃଖର ବିଷୟ। ବନ୍ୟାର ପ୍ରକୋପରୁ ଜିଲାଟିକୁ ରକ୍ଷା କରିବା ପାଇଁ ପୋତି ହୋଇ ପଡିଥିବା ବ୍ରାହ୍ମଣୀ ନଦୀର ଶଯ୍ୟାକୁ ଖୋଳା ଯାଇ ସୁନାବ୍ୟା କରାଯାଇ ପାରିଲା ନାହିଁ। ବ୍ରିଟିଶ ଅମଳରୁ ବ୍ରାହ୍ମଣୀ ନଦୀ ଉପରେ ଜେନାପୁରଠାରେ ନିର୍ମିତ ଆନିକଟ ସମ୍ପୂର୍ଣ୍ଣ ପୋତି ହୋଇ ପଡିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ତେବେ ବ୍ରାହ୍ମଣୀ ନଦୀର ବିକାଶ ପାଇଁ ଜଳସମ୍ପଦ ବିଭାଗ କମିଶନର ଦେଇଥିବା ପ୍ରତିଶ୍ରୁତି ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା, ବ୍ରାହ୍ମଣୀ ଓ କେଲୁଅ ନଦୀର ଜେନାପୁରଠାରୁ କାଇପଡା ମଧ୍ୟରେ ୪ଟି ବ୍ୟାରେଜ ନିର୍ମାଣ ଆଦି ଅସମାହିତ ରହିଛି। ଏଭଳି ସ୍ଥିତିରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ଅନୁମାନ ବନ୍ୟା ପ୍ରଭାବିତ ହେଉଥିବା ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ହୋଇଛି ବୋଲି ମତପ୍ରକାଶ ପାଇଛି।

## ନାବାଳିକାଙ୍କ ବିବାହ ବନ୍ଦକଲା ପ୍ରଶାସନ

**ମହାକାଳପଡ଼ା,୨୮।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ଗ୍ରାମ ଦଳିତ ସାହିରେ ଏକ ନାବାଳିକାଙ୍କ ବିବାହ ପାଇଁ ଆୟୋଜନ ଚାଲିଥିଲା । ବୁଧବାର ରାତିରେ ବର ସହିତ ଆସି ଥାଆନ୍ତେ ବରଯାତ୍ରୀ । ହୋଇଥାଆନ୍ତା ବିବାହ। ହେଲେ କୌଣସି ସୂତ୍ରରୁ ଖବର ପାଇ ଅପରାହ୍ନରେ ବ୍ଲକ ଶିଶୁ ସୁରକ୍ଷା ଅଧିକାରିଣୀ କବିତା ମଲିକ, ସ୍ଥାନୀୟ ଅଙ୍ଗନୱାଡ଼ି ସୁପରଭାଇଜର , ଅଙ୍ଗନୱାଡ଼ି କର୍ମୀ , ଆଶା କର୍ମୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ମା'ବାପାକୁ ବୁଝାଇଥିଲେ। ଝିଅକୁ ୧୮ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ କରିପାରିବ ନାହିଁ ବୋଲି କହିଥିଲେ । ଏହାପରେ ନାବାଳିକାଙ୍କ ମା'ବାପା ଲିଖିତ ପ୍ରତିଶ୍ରୁତି ଦେଇଥିଲେ । । ଏଥିରେ ଅନ୍ୟଥା ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରିଣୀ ମଲିକ ଚେତାବନୀ ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବରପକ୍ଷଙ୍କ ସହିତ କନ୍ୟା ଘରର ବନ୍ଧୁବାନ୍ଧବମାନେ ନିରାଶ ହୋଇଛନ୍ତି । ଏପରି କି ବିବାହ ପାଇଁ ତିଆରି ହୋଇଥିବା ବେଦୀ, ମଞ୍ଚ ଓ ତୋରଣ ଭାଙ୍ଗି ଦିଆଯାଇଛି । ଏ ସଂକ୍ରାନ୍ତରେ ସିଡିପିଓ ମଲିକ କହିଛନ୍ତି, ଏହି ଖବର ଜଣାପଡିବା ପରେ ବିବାହକୁ ବାରଣ କରାଯାଇଛି। ନାବାଳିକାଙ୍କ ବୟସ ୧୮ ହେଲା ପରେ ବିବାହ କରିବାକୁ ମା'ବାପା ଲିଖିତ ଭାବେ ଜଣାଇଛନ୍ତି।



ସିଡିପିଓ, ସୁପରଭାଇଜର ବିବାହ ବନ୍ଦ ପାଇଁ ଲୋକଙ୍କୁ ବୁଝାଶୁଝା କରୁଛନ୍ତି ।

## ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଧର୍ମଶାଳା/ଜେନାପୁର,୨୮।୫(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ): ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ନଂ. ଜାତୀୟ ରାଜପଥର ବଳରାମପୁର ଛକ ପେଟ୍ରୋଲ ପମ୍ପ ନିକଟରେ ଜଣେ ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ମର୍ଜିତାପୁର ଗ୍ରାମର ଦୀପକ ମଲିକ ଏବଂ ନଚିଲ ଗ୍ରାମର ସାନୁ ମଲିକ। ଫେବୃଆରୀ ୧୯ ରାତିରେ ଦୋକାନୀ ମାଲିକ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ରବୀନ୍ଦ୍ର କୁମାର ରାଉତ(୪୫)ଙ୍କୁ ୩ ଯୁବକ ମାଡ଼ ମାରିବା ସହ ତାଙ୍କ ୬ ହଜାର ଟଙ୍କା ଓ କିଛି ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ସେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ନିରୂପମା ଜେନା ସୂଚନା ଦେଇଛନ୍ତି।

## ଗାଁରେ ପଶିଲା ସମୁଦ୍ର ଜଳ



ଗାଁରେ ପ୍ରବେଶ କରିଥିବା ସମୁଦ୍ର ଜଳ ।

**ମହାକାଳପଡ଼ା,୨୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ନାଞ୍ଜୁରା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ସାନ୍ତାଳି ଗାଁ ପାଣିଖିଆ। ଗାଁରେ ୫୦ରୁ ଅଧିକ ପରିବାର ୩ ଶହ ଲୋକ ବସବାସ କରନ୍ତି। ସବୁଦିନିଆ ରାସ୍ତା ନାହିଁ । ଜଙ୍ଗଲିଆ କଚା ଗାଁ ରାସ୍ତାରେ ଲଘୁଚାପ ପ୍ରଭାବରେ ଉଚ୍ଚ ସମୁଦ୍ର ଜଳ ଲହଡ଼ି ଭାଙ୍ଗୁଛି। ଏଥିପାଇଁ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗାଁ ଚାରିପାଖେ ଘଞ୍ଚ ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି ହୋଇଛି। ହେଲେ ଗମନାଗମନ ପାଇଁ କୌଣସି ସୁବିଧା ନାହିଁ । ରୋଗୀମାନଙ୍କୁ ମେଡ଼ିକାଲକୁ ନେବାକୁ ହେଲେ ୧ କିମି କଚା ରାସ୍ତାରେ ବାଉଁଶ ଭାରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବାକୁ ପଡ଼େ ବୋଲି ଲବ ମାରାଣ୍ଡି , ସୁନାରାମ ମାରାଣ୍ଡି , ଶଙ୍କର ମାରାଣ୍ଡି , ଗଜେନ୍ଦ୍ର ମାରାଣ୍ଡି , ସୁନା ଟୁଡୁ , ରାମେଶ୍ୱର ମାରାଣ୍ଡି , ସମାଇ ଟୁଡୁ ଓ ଗୁରୁଭା ହାଁସଦା ପ୍ରମୁଖ ଅଭିଯୋଗ କରିଛନ୍ତି। ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗ୍ରାମବାସୀ ଡାକ ଯୋଗେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ସମସ୍ୟାର ସମାଧାନ ହୋଇନାହିଁ ।

## ଉପାଧ୍ୟକ୍ଷଙ୍କୁ ବିଡିଓ ଚିହ୍ନି ନ ଥିବା କହିବାରୁ ଉତ୍ତେଜନା




ବିଧାୟକ ଅମରେନ୍ଦ୍ର ଦାସ, ବିଡିଓ ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ହୋଇଥିବା କଥା କଟାକଟିର ସମାଧାନ କରୁଛନ୍ତି ।

- ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ
- ବିଧାୟକଙ୍କ ହସ୍ତକ୍ଷେପ ପରେ ଶୃଙ୍ଖଳିତ ହେଲା ବୈଠକ

**ନାଉଗାଁ, ୨୮।୫(ସୁଧା ବେହୁରା)**

ନାଉଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ଅନୁମତିକ୍ରମେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ କିଛି ପ୍ରସ୍ତାବ ରଖିଥିଲେ। ବିଡିଓ ଆଶୁତୋଷ ମିଶ୍ର ବ୍ଲକ୍‌କୁ ଆସୁ ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ ମତବ୍ୟକ୍ତ କରିଥିଲେ। ଏହି ବକ୍ତବ୍ୟ ପରେ ଉପାଧ୍ୟକ୍ଷ କିଏ ବିଡିଓ ମିଶ୍ର ତାଙ୍କୁ ଚିହ୍ନି ନ ଥିବା ଉତ୍ତର ଦେଇଥିଲେ। ଫଳରେ ବୈଠକରେ ଯୋଗଦେଇଥିବା ପଞ୍ଚାୟତ ପ୍ରତିନିଧି ଡାବର ସଭ୍ୟ ସୁବଳ ବେହେରା, ନୂଆଗାଁ ସରପଞ୍ଚ ଦୋଳ ଗୋବିନ୍ଦ ରାଉଳ, ଘୋଡାଂଶ ସଭ୍ୟ ତରୁଣକାନ୍ତ ବାରିକ, ବଚ୍ଛାଳୋ ସଭ୍ୟ ଚନ୍ଦନ ଲେଙ୍କା ବିଡିଓଙ୍କ ଉକ୍ତିକୁ ବିରୋଧ କରିଥିଲେ। ଏପରିକି ବିଡିଓ ଦୀର୍ଘ ୪ ମାସ ହେବ ବ୍ଲକ୍‌ର ଦାୟିତ୍ୱରେ ରହିଥିବାବେଳେ ୪ ଥର ବ୍ଲକ୍‌କୁ ଆସି ନ ଥିବା କହିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ନିଜ ଆସନରୁ ଉଠି କିଛି ସମୟ ହୋ ହାଲ୍ଲା କରିଥିଲେ। ଫଳରେ ବୈଠକ ବନ୍ଦ ରହିଥିଲା। ବିଧାୟକ ଅମରେନ୍ଦ୍ର ଦାସ ପଞ୍ଚାୟତ ପ୍ରତିନିଧିଙ୍କୁ ବୁଝାବୁଝି କରିବା ସହ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ବିଡିଓ ମିଶ୍ର ବ୍ଲକ୍‌କୁ ସପ୍ତାହରୁ ୩ ଥର ଆସିଛନ୍ତି ବୋଲି କହିଥିଲେ। ବିଧାୟକ ଦାସ ଯଥାଶୀଘ୍ର ବ୍ଲକରେ ନୂତନ ବିଡିଓ ଯୋଗଦେବାର ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତ ପ୍ରତିନିଧିମାନେ ନିଜ ନିଜ ଆସନରେ ବସିଥିଲେ। ପରେ ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏ ସଂକ୍ରାନ୍ତରେ ବିଡିଓ ମିଶ୍ରଙ୍କୁ ପଚାରିବାରେ ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାସ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡା, ଉପାଧ୍ୟକ୍ଷ ସୁଜିତ ପୁହାଣ ଓ ସମସ୍ତ ପଞ୍ଚାୟତର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତଗୁଡ଼ିକରୁ ଗ୍ରାମସଭା ମାଧ୍ୟମରେ ସ୍ଥିରିକୃତ ହୋଇ ଆସିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଥିଲା। ବ୍ଲକ୍‌ର ୧୬ଟି ପଞ୍ଚାୟତର ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ୧ କୋଟି ୮୮ ଲକ୍ଷ ୪୮ ହଜାର ୨ ଶହ ୬୭ ଟଙ୍କା ବ୍ୟୟ କରାଯିବ ବୋଲି ବୈଠକରେ ଜଣାଯାଇଛି। ଏଥିରେ ପ୍ରଶସାନିକ ଅଧିକାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଯୋଗଦେଇଥିଲେ।

**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

No.5697//SSEPD Dated 23.05.2025

**CORRIGENDUM NOTICE**

No.gg-In the RFP issued vide SSEPD Department Notice No.5015, dt.06.05.2025, published on 07.05.2025 in The Sambad, The Dharitri and The Times of India titled **'Implementation of Comprehensive IT solutions for the Social Security & Empowerment of Persons with Disabilities (SSEPD) Department'**, the deadline for receiving RFP in the Department is extended to **5 PM on 09.06.2025**. A few modifications are made based on suggestions received from the prospective bidders. Details of the Corrigendum Notice is available at www.ssepd.gov.in.

Sd./- Director
SSEPD Department

OIPR-46001/11/0043/2526

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼**

**ଟେଣ୍ଡର ନୋଟିସ**

ପତ୍ର ସଂ: ୧୨୯୬ ତା୨୭।୦୫।୨୫

No. C-398: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧୀନସ୍ଥ ଟାଉନ ହଲ ଓ କଲ୍ୟାଣ ମଣ୍ଡପ ତା୨୧।୦୬।୨୦୨୫ରୁ ୨୦।୦୬।୨୦୨୮ (୩ ବର୍ଷ) ପର୍ଯ୍ୟନ୍ତ ନିଲାମ ଦିଆଯିବ। ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୮।୦୫।୨୦୨୫ରୁ ୧୬।୦୬।୨୦୨୫ ଅପରାହ୍ନ ଘ.୧.୦୦ କାର୍ଯ୍ୟାଳୟ ଦିବସ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: **http://nuapada.odisha.gov.in**ରୁ ଦେଖିପାରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

OIPR-13136/11/0041/2526

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**



@ ଗାର୍ଗୀ



@ ସୁଧାଂଶୁ



@ ଲକ୍ଷ୍ମୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH**

No.O-199

No.2071 E-Mail: nayagarhrw2@yahoo.in Date:23.5.25

**2nd Corrigendum to Bid Identification No.Tender Online Tender/01/RWD-II/2025-26 dtd.06.05.2025**

In partial modification to this office Tender Call Notice No.01/2025-26 invited vide this office No.1813, dtd.06.05.2025, the online availability of tender against the works as mentioned from Sl.No.01 to Sl.No.7 of the above N.I.T. (Detailed in Annexure) have been re-scheduled as follows.

| Procurement Officer | Bid Identification No. | Now availability of Tender on-line for bidding is rescheduled | | New Date & Time of opening of Technical Bid is rescheduled to | Date & Time of Opening of Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | 29.05.2025 at 11.00 A.M. | 09.06.2025 upto 5.30 P.M. | 10.06.2025 at 11.00 A.M. | Will be intimated later on |

All other terms and conditions remain unchanged.

OIPR-25144/11/0014/2526 Sd./- Executive Engineer, Rural Works Division-II, Nayagarh

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Bhadrak**
Email ID: eeddbdk@gmail.com

NO.A-218

**"e" PROCUREMENT NOTICE NO.- 02/2025-26**

| Procurement Officer/ Name & address of the officer inviting Bids. | Name of work | Bid Identification Number | Appx. Tender Cost (in INR) (excluding G.S.T) of individual work | Bid Security/ EMD- (online)-(in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding | | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Superintending Engineer, Drainage Division, Bhadrak | Improvement to Mathurapur to Kanjipada drain and link drains with control structure over Karanjei DC in Saya GP in Tihidi Block under Doab No.-XII | DDBDK-02-01/ 2025-26 | Rs.72,91,839/- | Rs.72,919/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |
| | Renovation of Nazar Nallah and its link drain in Bhadrak Municipality under Doab No-XIII | DDBDK-02-02/ 2025-26 | Rs.75,35,734/- | Rs.75,358/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |
| | Construction of Balance work of Drain Nehru Stadium to Bonth Chhak in Bhadrak Municipality under Salandi-Baitarani Doab No-XIII | DDBDK-02-03/ 2025-26 | Rs.78,05,897/- | Rs.78,059/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |

Further details can be seen from the Govt. website www.tendersodisha.gov.in.

OIPR-32057/11/0005/2526 Sd./- Superintending Engineer, Drainage Division, Bhadrak

**ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱର**

ନୋଟିସ୍ ନଂ. 410/ଗୃହରକ୍ଷୀ ତା:26.05.2025

No. D-80: ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୧୪୨୯/ଗୃହରକ୍ଷୀ ତା୧୭।୦୪।୨୦୨୫ରିଖ ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ଗୃହରକ୍ଷୀ ପଦବୀ ସଂଖ୍ୟା ୮୩୨ରୁ ୮୬୨କୁ ବୃଦ୍ଧି କରାଯାଇଛି। ନୂତନ ମଞ୍ଜୁରୀ ହୋଇଥିବା ଆହୁରି ୩୦ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act 1961, Odisha Home Guards Rules, 1962 and Circular Order No. 01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟାଳୟର ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୩୩/ଗୃହରକ୍ଷୀ ତା୧୯।୦୨।୨୦୨୫ ଅନୁଯାୟୀ ୧୬୭ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକତା ନାହିଁ। ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ ଓ ନୂତନ ଭାବେ ଆବେଦ କରୁଥିବା ପ୍ରାର୍ଥୀ ଉଭୟ (୧୬୭ + ୩୦) ସମୁଦାୟ ୧୯୭ ଖାଲି ପଦବୀରେ ପ୍ରତିଯୋଗିତ ପାଇଁ ଯୋଗ୍ୟ ବିବେଚିତ ହେବେ।

| Sl. No. | ବର୍ଗ (Category) | ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା (Vacancy) | ଯୋଗ୍ୟତା (Eligibility) | ବୟସ ସୀମା (Age) | ଶିକ୍ଷାଗତ ଯୋଗ୍ୟତା (Education Qualification) |
|---|---|---|---|---|---|
| 1 | ଗୃହରକ୍ଷୀ ସାଧାରଣ | ୧୯୭ (ପୂର୍ବରୁ ଖାଲିଥିବା ୧୬୭ + ୩୦ ନୂତନ ମଞ୍ଜୁରୀପ୍ରାପ୍ତ ପଦବୀ) | ୧. ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଯେ କୌଣସି ଅଞ୍ଚଳର ହୋଇଥିବା ଆବଶ୍ୟକ। ୨. ଆବେଦନକାରୀ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ଲେଖି ଜାଣିବା ଆବଶ୍ୟକ। ୩. ଆବେଦନକାରୀ କୌଣସି ଫୌଜଦାରି ମକଦ୍ଦମାରେ ସମ୍ପୃକ୍ତ ନ ଥିବେ। ୪. ଆବେଦନକାରୀ ସୁସ୍ଥ ସବଳ ହୋଇଥିବେ। ଶାରୀରିକ ବିକଳାଙ୍ଗ ହୋଇନଥିବେ। | ଆବେଦନକାରୀଙ୍କ ବୟସ ତା୦୧।୦୧।୨୦୨୫ରିଖ ସୁଦ୍ଧା ୨୦ବର୍ଷରୁ କମ୍ ଏବଂ ୬୦ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। | ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ୍.ପି. ଷ୍ଟାଣ୍ଡାର୍ଡ (Class-V) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। |
| | Total | ୧୯୭ (୧୬୭ + ୩୦) | (One Hundred Ninety Seven) | | |

- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ (Form-A) ପୂରଣ କରି ସିଧାସଳଖ ଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱରଠାରେ ତା୨୯।୦୫।୨୦୨୫ରିଖରୁ ଅପରାହ୍ନ ତା୧୨।୦୬।୨୦୨୫ ସୁଦ୍ଧା (ସକାଳ ୭ଟାରୁ ଦିବା ୧ଟା ମଧ୍ୟରେ) ଦାଖଲ କରିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।
- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ସହିତ ଆଧାର କାର୍ଡ଼, ଆବାସିକ, ବୟସ ଓ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଦକ୍ଷତା, ପ୍ରମାଣପତ୍ରଗୁଡ଼ିକର ନକଲ ଓ ୪ଗୋଟି ପାସ୍‌ପୋର୍ଟ ଆକାରର ନିଜ ଫଟୋ ସଂଲଗ୍ନ କରି ଦେବେ।
- ଆବେଦନକାରୀ Computer/Electrician/Driving/Plumber/Mechanic/House Keeping/Carpenter/Painter/Cooking/Washer Man/ Barber/Cobbler/Mason/Photographer/Noliaରେ ଅଭିଜ୍ଞତା ରହିଥିଲେ ଉକ୍ତ ଚୟନ ପରୀକ୍ଷାରେ ଅଗ୍ରାଧିକାର ଦିଆଯିବ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ। ଏତଦ୍ ବ୍ୟତୀତ ଚୟନ ପରୀକ୍ଷାରେ କୌଣସି ପ୍ରକାରରେ Selection Board ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ଗୃହରକ୍ଷୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ।
- ଚୟନ ପରୀକ୍ଷାର ବିବରଣୀ, ନିର୍ଦ୍ଧାରିତ ତାରିଖ, ସମୟ, ସ୍ଥାନ ଇତ୍ୟାଦିର ସୂଚନା ବାଲେଶ୍ୱର ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟରେ ପ୍ରକାଶ କରାଯିବ।

OIPR-12181/11/0003/2526 ସ୍ୱା./- ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ବାଲେଶ୍ୱର

# ଶଗଡ଼ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ




ରାସ୍ତାରେ ଶଗଡ଼ ରଖି ଲୋକେ ଆନ୍ଦୋଳନ କରୁଛନ୍ତି । ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି ।

ନୂଆଗାଁ, ୨୮।୫ (ଧନେଶ୍ୱର ସାହୁ)

- ଯନ୍ତ୍ରୀ ପ୍ରତିଶ୍ରୁତି ରଖିଲେନି
- ରାସ୍ତା କାମ ଆରମ୍ଭ ପରେ ହଟିଲା ରାସ୍ତା ଅବରୋଧ
- ନିମ୍ନମାନର କାମକୁ ପ୍ରୋତ୍ସାହନ ଓ ଠିକାଦାରଙ୍କୁ ସୁରକ୍ଷା ଦେଉଛନ୍ତି ଯନ୍ତ୍ରୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର-ବାହାଡ଼ା ଖୋଲା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେତୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସାରିବା ଦାବିରେ ଗତ ୨୧ ତାରିଖରେ ଗାତେରୀଠାରେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ୨ ଦିନ ଭିତରେ କାମ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। କିନ୍ତୁ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବୁଧବାର ପୁନର୍ବାର ଗାତେରୀଠାରେ ରାସ୍ତାରେ ଶଗଡ଼ ରଖି ଲୋକମାନେ ଆନ୍ଦୋଳନ କରିଥିଲେ। ନୂଆଗାଁ ଥାନା ଅଧିକାରୀ, ନୂଆଗାଁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବିଭାଗୀୟ ଯନ୍ତ୍ରୀ ରାସ୍ତା କାମ ଆରମ୍ଭ କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥ ମହିପୁରଠାରୁ ବାହାଡ଼ାଖୋଲା ରାସ୍ତା ଶୋଚନୀୟ ହୋଇ ପଡିବା ପରେ ତାହାକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଅନୁଦାନ ମଞ୍ଜୁର ହୋଇଛି । ଏଥି ସହ ଟେଣ୍ଡର ପାଇ ଠିକାଦାର ରାସ୍ତା ଖୋଳି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସମୟ ସୁବିଧା ଦେଖି ଠିକାଦାର ସେଥିରେ ମେଟାଲ ଓ ଡଷ୍ଟ ପକାଇ ଛାଡି ଦେଇଛନ୍ତି। ରାସ୍ତା ନିର୍ମାଣରେ ପୂର୍ତ୍ତ ବିଭାଗର ସବୁ ଆଇନକାନୁନକୁ ଜଳାଞ୍ଜଳି ଦେଇ ଠିକାଦାର ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରିଚାଲିଥିଲେ। ରାସ୍ତା ନିର୍ମାଣ ସମୟରେ ପ୍ରତିଦିନ ପାଣି ଛିଞ୍ଚିବାର ନିୟମ ରହିଥିଲେ ମଧ୍ୟ ଠିକାଦାର ତାହା କରୁ ନ ଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କୁ ସୁରକ୍ଷା ଦେବା ସହ ମନ୍ଥର ଗତିରେ ଚାଲିଥିବା ନିମ୍ନମାନର କାମକୁ ସୁଯୋଗ ଦେଉଥିଲେ। ରାସ୍ତାରେ ଯାଉଥିବା ବାଟୋଇ ଓ ସ୍ଥାନୀୟ ଲୋକେ ଏଥପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏପରିକି ଗାଡି ଯିବା ସମୟରେ ଡଷ୍ଟ ଗୁଣ୍ଡ ଉଡିବାରେ ଦୁର୍ଘଟଣା ହେବା ସାଙ୍ଗକୁ ରାସ୍ତାରେ ପଡିଥିବା ମେଟାଲ ଲୋକଙ୍କ ଦେହରେ ବାଜି ଆହତ ହୋଇଛନ୍ତି । ଏହାର ପ୍ରତିବାଦ ଏବଂ ଶୀଘ୍ର ରାସ୍ତା କାମ କରିବା ଦାବିରେ ଚଳିତ ମାସ ୨୧ ତାରିଖରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପ୍ରଶାସନ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ ଦୁଇ ଦିନ ମଧ୍ୟରେ କାମ କରିବା ସହ ପ୍ରତିଦିନ ରାସ୍ତାରେ ପାଣି ପକାଇବା ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ହଟିଥିଲା। କିନ୍ତୁ ପ୍ରତିଶ୍ରୁତିକୁ ଏକ ସପ୍ତାହ ବିତିଥିଲେ ମଧ୍ୟ ରାସ୍ତା କାମ ଆରମ୍ଭ ନ ହେବାରୁ ବୁଧବାର ପୁନର୍ବାର ଲୋକେ ରାସ୍ତାରେ ଶଗଡ ରଖି ଆନ୍ଦୋଳନ କରିଥିଲେ। ଖବର ପାଇ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ, ଏସ୍‌ଆଇ ବିରଞ୍ଚି ନାରାୟଣ ଅମାତ, ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ରାସ୍ତା କାମ ନ ହେବା ଯାଏ ଆନ୍ଦୋଳନ ହଟିବନି ବୋଲି ଲୋକେ ଜିଦ ଧରିଥିଲେ। ତେବେ ଯନ୍ତ୍ରୀ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକ ନେଇ କାମ ଆରମ୍ଭ କରିବା ପରେ ଆନ୍ଦୋଳନ ହଟିଥିଲା।

## ବନ୍ୟଜନ୍ତୁ ପାଇଁ ଜଳଉତ୍ସ ଖନନ ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୮।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ରହିଛି ଅନେକ ଏକର ଘଞ୍ଚ ସଂରକ୍ଷିତ ଜଙ୍ଗଲ ଜମି। ଏହିସବୁ ଜଙ୍ଗଲରେ ରହୁଥିବା ବହୁ ସଂଖ୍ୟକ ବାର୍ହା, କୁଟୁରା, ମିରିଗ, ହରିଣ ସହ ଅନ୍ୟ ଜୀବଜନ୍ତୁମାନେ ଜଙ୍ଗଲରେ ନିର୍ବିଘ୍ନରେ ବିଚରଣ କରୁଛନ୍ତି । ପ୍ରତିବର୍ଷ ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା ପାଇଁ ବନ ବିଭାଗ ଜରିଆରେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ସମୟରେ ଜୀବଜନ୍ତୁଙ୍କ ତୃଷା ମେଣ୍ଟାଇବା ପାଇଁ ଆବଶ୍ୟକ ଜଳଉତ୍ସ ଖନନ ପ୍ରତି ଦୃଷ୍ଟି ଦିଆ ଯାଉ ନ ଥିବା ଅଭିଯୋଗ ହେଉଛି। ବିଶେଷ କରି ବର୍ଷର ୯ମାସ ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଯୋଗୁ ବନ୍ୟଜନ୍ତୁମାନେ ପାଣି ଅନ୍ୱେଷଣରେ ଜନବସତି ଅଞ୍ଚଳକୁ ଚାଲି ଆସି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି । ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ପୋଖରୀ ଖୋଳାଯିବା ସହ ଜଳଉତ୍ସକୁ ସଂରକ୍ଷିତ କରି ରଖିବା ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ସେ ସବୁ ଗ୍ରୀଷ୍ମଋତୁରେ ଶୁଖିଲା ପଡୁଥିବାରୁ ପାନୀୟ ଜଳମୁନ୍ଦେ ପାଇଁ ବନ୍ୟଜନ୍ତୁମାନେ ଜନବସତି ନିକଟରେ ଥିବା ଜଳାଶୟ କିମ୍ବା ଜଳଉତ୍ସକୁ ଆସି ବୁଲା କୁକୁର ନତୁବା ଶିକାରୀମାନଙ୍କ ହାବୁଡରେ ପଡୁଛନ୍ତି। ତେଣୁ ବନ୍ୟଜନ୍ତଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସଂରକ୍ଷିତ ଜଙ୍ଗଲ ଜମିରେ ଅଧିକ ସଂଖ୍ୟକ ଗଭୀର ପୋଖରୀ ଖନନ ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି । ସେହିପରି ଜଙ୍ଗଲରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ପାଇଁ ବନ ବିଭାଗ ଓ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବ୍ଲଡ୍‌ପ୍ରେସର ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ

ନୂଆଗାଁ,୨୮।୫ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲଡ ପ୍ରେସର ପରୀକ୍ଷା କରିବା ପାଇଁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ନୂଆଗାଁ ବ୍ଲକର ୪ଟି ପ୍ରାଥମିକ ଆରୋଗ୍ୟ କେନ୍ଦ୍ରକୁ ନେଇ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗଠିତ। ତେବେ ଯେଉଁ ରୋଗୀମାନଙ୍କ ଚିକିତ୍ସା ପ୍ରାଥମିକ ଆରୋଗ୍ୟ କେନ୍ଦ୍ରରେ କରାଯାଇ ପାରି ନ ଥାଏ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ସେଠାରେ ଚିକିତ୍ସା କରାଯାଏ। କିନ୍ତୁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସବୁ ସୁବିଧା ଥାଇ ମଧ୍ୟ ରୋଗୀମାନଙ୍କୁ ଠିକ୍ ଚିକିତ୍ସା ମିଳି ପାରୁ ନ ଥିବା ଅଭିଯୋଗ ହେଉଛି। ଏପରିକି ସାଧାରଣ ଜ୍ୱର ଟିକେ ହେଲେ ମଧ୍ୟ ସେହି ରୋଗୀକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଜଣେ ରୋଗୀ ଅତ୍ୟଧିକ ମଦ୍ୟପାନ କରିଥିବା ବେଳେ ତା'ର ଚିକିତ୍ସା ପାଇଁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯିବାରେ ତାକୁ ମଧ୍ୟ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ମହିପୁର ଅଞ୍ଚଳର ଜଣେ ରୋଗୀଙ୍କ ମୁଣ୍ଡ ବୁଲାଉ ଥିବାରୁ ଚିକିତ୍ସା ପାଇଁ ତାଙ୍କ ଝିଅ ମଙ୍ଗଳବାର ସକାଳୁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ କାର୍ଯ୍ୟରତ ଡାକ୍ତର ଡା.ସୌମ୍ୟରଞ୍ଜନ ସାହୁଙ୍କୁ ରୋଗୀଙ୍କ ବ୍ଲଡ ପ୍ରେସର ପରୀକ୍ଷା କରିବା ପାଇଁ କହିବାରେ ମେଶିନରେ ଚାର୍ଜ ନାହିଁ , ପରୀକ୍ଷା କରି ହେବନି ବୋଲି ସିଧାସଳଖ ମନା କରିଦେଇଥିଲେ। ତେବେ ସେଠାରୁ ନିରାଶ ହୋଇ ରୋଗୀ ଓ ସମ୍ପର୍କୀୟ ଫେରିଥିଲେ। ପୁନର୍ବାର ଅପରାହ୍ଣ ୪.୩୦ ମିନିଟ ସମୟରେ ସେହି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବ୍ଲଡ୍ ପ୍ରେସର ପରୀକ୍ଷା କରିବା ପାଇଁ କହିବାରେ ମେଶିନରେ ଚାର୍ଜ ନାହିଁ ବୋଲି କହିଥିବା ଅଭିଯୋଗ ହୋଇଛି। ରୋଗୀଙ୍କ ଝିଅ ସେହି ଡାକ୍ତରଖାନାର ଜଣେ ନର୍ସଙ୍କୁ ମେଶିନ ମାଗିବାରେ ସେ ମଧ୍ୟ ମେଶିନରେ ଚାର୍ଜ ନାହିଁ ବୋଲି କହିଥିଲେ। ତା'ପରେ ରୋଗୀଙ୍କ ଝିଅ ଡାକ୍ତରଖାନା ପାଖରେ ଥିବା ଏକ ଔଷଧ ଦୋକାନରୁ ମେଶିନ ମାଗି ଆଣିବା ପରେ ନର୍ସ ରୋଗୀଙ୍କ ବ୍ଲଡ ପ୍ରେସର ପରୀକ୍ଷା କରାଯାଇଥିଲା। ଅଭିଯୋଗର ସତ୍ୟସତ ଜାଣିବା ପାଇଁ ଡା. ସାହୁଙ୍କୁ ୮୬୩୭୨୭୪୮୧୨ ନମ୍ବରରେ ଫୋନ କରାଯାଇଥିଲା । ହେଲେ ସେ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଅବ୍ୟବସ୍ଥା ବାବଦରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଦେବୀ ପ୍ରସାଦ ପ୍ରଧାନଙ୍କୁ ପଚାରିବାରେ ଡାକ୍ତରଖାନାରେ ୪ ଗୋଟି ମେଶିନ ଅଛି। ତେବେ କ'ଣ ଅସୁବିଧା ହୋଇଛି ଡାକ୍ତରଙ୍କୁ ପଚାରି ବୁଝୁଛି ବୋଲି ଅଧିକାରୀ ଡା. ପ୍ରଧାନ କହିଥିଲେ।




ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

## ରାତିରେ ଏସ୍‌ବିଆଇ ଏଟିଏମ୍ ବନ୍ଦକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୨୮।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ରଥଗଡାସ୍ଥିତ ଷ୍ଟେଟ ବ୍ୟାଙ୍କ ଖଣ୍ଡପଡ଼ା ଶାଖାରେ ଥିବା ଏଟିଏମ୍ କାଉଣ୍ଟରଟି ରାତି ୯ଟା ପରେ ବନ୍ଦ ହୋଇଯାଉଛି। ଫଳରେ ଟଙ୍କା ଉଠାଣ ଓ ମେଶିନ ଜରିଆରେ ଟଙ୍କା ଜମା କରିବା ନିମନ୍ତେ ଅଞ୍ଚଳବାସୀ ଓ ଏଟିଏମ ଉପରେ ନିର୍ଭର କରୁଥିବା ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତିରେ ଏଟିଏମ ସେବା ଉପଲବ୍ଧ କରିବା ନିମନ୍ତେ ଅଞ୍ଚଳବାସୀ ଷ୍ଟେଟବ୍ୟାଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାତିରେ ଏଟିଏମ ସେବା ଉପଲବ୍ଧ ନିମନ୍ତେ ଷ୍ଟେଟବ୍ୟାଙ୍କ ପକ୍ଷରୁ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର

ନୂଆଗାଁ/ଓଡ଼ଗାଁ,୨୮।୫ (ଧନେଶ୍ୱର ସାହୁ/ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ସୁରୁକାବାଡି ବଡତଇଲା ନିକଟରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ପାରାଡିପି ପଞ୍ଚାୟତ ପୋକସୁଙ୍ଗା ଗ୍ରାମର ବ୍ରଜ ମଳିକ (୫୦)। ଆହତ ସୁରୁକାବାଡି ଗ୍ରାମର ସନ୍ନ୍ୟାସୀ ସାନବଡ (୩୦)।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତ ସୁରୁକାବାଡ଼ି ଗ୍ରାମର ସନ୍ନ୍ୟାସୀ ସାନବଡ କୌଣସି କାମରେ ବାହାରକୁ ଯାଇ ସନ୍ଧ୍ୟାରେ ବାଇକ୍ ଯୋଗେ ସୁରୁକାବାଡି ଫେରୁଥିଲେ। ଏହି ସମୟରେ ସୁରୁକାବାଡି ବଡତଇଲା ନିକଟରେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଗ୍ରାମବାସୀ ସନ୍ନ୍ୟାସୀଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେବା ସହ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୁମି ଫରେଷ୍ଟର ପବିତ୍ର ପରିଡ଼ା ବନ କର୍ମଚାରୀମାନଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପଟେ ପୋକସୁଙ୍ଗା ଗ୍ରାମର ବ୍ରଜ ମଳିକ ଟଙ୍କା ଆଣିବା ପାଇଁ ସନ୍ଧ୍ୟାରେ ସୁରୁକାବାଡିକୁ ସାଇକେଲରେ ଯାଉଥିବା ବେଳେ ବଡତଇଲା ନିକଟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତେବେ ହାତୀ ଆକ୍ରମଣରେ ଆହତ ସନ୍ନ୍ୟାସୀଙ୍କ ଖବର ପାଇବା ପରେ ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିଲେ। ଘଟଣାସ୍ଥଳରେ ଏକ ସାଇକେଲ ପଡିଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ହେବାରୁ ଖୋଜାଖୋଜି କରିଥିଲେ। ବ୍ରଜ ହାତୀ ଆକ୍ରମଣରେ ଗୁରୁତର ହୋଇ ପଡିଥିବା ଦେଖିଥିଲେ। ଖବର ପାଇ ଓଡ଼ଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତ ବ୍ରଜଙ୍କୁ ବନ ବିଭାଗ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ବ୍ରଜଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଗାର୍ଗୀ



@ ସୁଧାଂଶୁ



@ ଲକ୍ଷ୍ମୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH
No.O-199
No.2071 E-Mail: nayagarhrw2@yahoo.in Date:23.5.25
2nd Corrigendum to Bid Identification No.Tender Online Tender/01/RWD-II/2025-26 dtd.06.05.2025
In partial modification to this office Tender Call Notice No.01/2025-26 invited vide this office No.1813, dtd.06.05.2025, the online availability of tender against the works as mentioned from Sl.No.01 to Sl.No.7 of the above N.I.T. (Detailed in Annexure) have been re-scheduled as follows.

| Procurement Officer | Bid Identification No. | Now availability of Tender on-line for bidding is rescheduled | | New Date & Time of opening of Technical Bid is rescheduled to | Date & Time of Opening of Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | 29.05.2025 at 11.00 A.M. | 09.06.2025 upto 5.30 P.M. | 10.06.2025 at 11.00 A.M. | Will be intimated later on |

All other terms and conditions remain unchanged.
OIPR-25144/11/0014/2526 Sd./- Executive Engineer, Rural Works Division-II, Nayagarh



GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer, Drainage Division, Bhadrak
Email ID: eeddbdk@gmail.com
NO.A-218
"e" PROCUREMENT NOTICE NO.- 02/2025-26

| Procurement Officer/ Name & address of the officer inviting Bids. | Name of work | Bid Identification Number | Appx. Tender Cost (in INR) (excluding G.S.T) of individual work | Bid Security/ EMD-(online)-(in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding | | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Superintending Engineer, Drainage Division, Bhadrak | Improvement to Mathurapur to Kanjipada drain and link drains with control structure over Karanjei DC in Saya GP in Tihidi Block under Doab No.-XII | DDBDK-02-01/ 2025-26 | Rs.72,91,839/- | Rs.72,919/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |
| | Renovation of Nazar Nallah and its link drain in Bhadrak Municipality under Doab No-XIII | DDBDK-02-02/ 2025-26 | Rs.75,35,734/- | Rs.75,358/- | Rs.10,000/- | "B" Class Contractor | 11 (Elevén) Calendar months | 28.05.25 | 06.06.25 | 09.06.25 |
| | Construction of Balance work of Drain Nehru Stadium to Bonth Chhak in Bhadrak Municipality under Salandi-Baitarani Doab No-XIII | DDBDK-02-03/ 2025-26 | Rs.78,05,897/- | Rs.78,059/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |

Further details can be seen from the Govt. website www.tendersodisha.gov.in.
OIPR-32057/11/0005/2526 Sd./- Superintending Engineer, Drainage Division, Bhadrak



GOVERNMENT OF ODISHA
DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES
No.5697//SSEPD Dated 23.05.2025
CORRIGENDUM NOTICE
No.gg-In the RFP issued vide SSEPD Department Notice No.5015, dt.06.05.2025, published on 07.05.2025 in The Sambad, The Dharitri and The Times of India titled **'Implementation of Comprehensive IT solutions for the Social Security & Empowerment of Persons with Disabilities (SSEPD) Department'**, the deadline for receiving RFP in the Department is extended to **5 PM on 09.06.2025**. A few modifications are made based on suggestions received from the prospective bidders. Details of the Corrigendum Notice is available at www.ssepd.gov.in.
Sd./- Director
SSEPD Department
OIPR-46001/11/0043/2526



ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼
ଟେଣ୍ଡର ନୋଟିସ
ପତ୍ର ସଂ: ୧୨୯୬ ତା୨୭।୦୫।୨୫
No. C-398: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧୀନସ୍ଥ ଟାଉନ ହଲ ଓ କଲ୍ୟାଣ ମଣ୍ଡପ ତା୨୧।୦୬।୨୦୨୫ରୁ ୨୦।୦୬।୨୦୨୮ (୩ ବର୍ଷ) ପର୍ଯ୍ୟନ୍ତ ନିଲାମ ଦିଆଯିବ। ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୮।୦୫।୨୦୨୫ରୁ ୧୬।୦୬।୨୦୨୫ ଅପରାହ୍ଣ ଘ.୧.୦୦ କାର୍ଯ୍ୟାଳୟ ଦିବସ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: http://nuapada.odisha.gov.inରୁ ଦେଖିପାରିବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13136/11/0041/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼



ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱର
ନୋଟିସ୍ ନଂ. 410/ଗୃହରକ୍ଷୀ ତା:26.05.2025
No. D-80: ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୧୪୨୯/ଗୃହରକ୍ଷୀ ତା୧୭।୦୪।୨୦୨୫ରିଖ ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ଗୃହରକ୍ଷୀ ପଦବୀ ସଂଖ୍ୟା ୮୩୨ରୁ ୮୬୨କୁ ବୃଦ୍ଧି କରାଯାଇଛି। ନୂତନ ମଞ୍ଜୁରୀ ହୋଇଥିବା ଆହୁରି ୩୦ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act 1961, Odisha Home Guards Rules, 1962 and Circular Order No. 01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟାଳୟର ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୩୩/ଗୃହରକ୍ଷୀ ତା୧୯।୦୨।୨୦୨୫ ଅନୁଯାୟୀ ୧୬୭ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକତା ନାହିଁ। ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ ଓ ନୂତନ ଭାବେ ଆବେଦ କରୁଥିବା ପ୍ରାର୍ଥୀ ଉଭୟ (୧୬୭ + ୩୦) ସମୁଦାୟ ୧୯୭ ଖାଲି ପଦବୀରେ ପ୍ରତିଯୋଗିତ ପାଇଁ ଯୋଗ୍ୟ ବିବେଚିତ ହେବେ।

| Sl. No. | ବର୍ଗ (Category) | ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା (Vacancy) | ଯୋଗ୍ୟତା (Eligibility) | ବୟସ ସୀମା (Age) | ଶିକ୍ଷାଗତ ଯୋଗ୍ୟତା (Education Qualification) |
|---|---|---|---|---|---|
| 1 | ଗୃହରକ୍ଷୀ ସାଧାରଣ | ୧୯୭ (ପୂର୍ବରୁ ଖାଲିଥିବା ୧୬୭ + ୩୦ ନୂତନ ମଞ୍ଜୁରୀପ୍ରାପ୍ତ ପଦବୀ) | ୧. ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଯେ କୌଣସି ଅଞ୍ଚଳର ହୋଇଥିବା ଆବଶ୍ୟକ। ୨. ଆବେଦନକାରୀ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ଲେଖି ଜାଣିବା ଆବଶ୍ୟକ। ୩. ଆବେଦନକାରୀ କୌଣସି ଫୌଜଦାରି ମକଦ୍ଦମାରେ ସମ୍ପୃକ୍ତ ନ ଥିବେ। ୪. ଆବେଦନକାରୀ ସୁସ୍ଥ ସବଳ ହୋଇଥିବେ। ଶାରୀରିକ ବିକଳାଙ୍ଗ ହୋଇନଥିବେ। | ଆବେଦନକାରୀଙ୍କ ବୟସ ତା୦୧।୦୧।୨୦୨୫ରିଖ ସୁଦ୍ଧା ୨୦ବର୍ଷରୁ କମ୍ ଏବଂ ୬୦ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। | ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ୍.ପି. ଷ୍ଟାଣ୍ଡାର୍ଡ (Class-V) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। |
| | Total | ୧୯୭ (୧୬୭ + ୩୦) | (One Hundred Ninety Seven) | | |

- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ (Form-A) ପୂରଣ କରି ସିଧାସଳଖ ଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱରଠାରେ ତା୨୯।୦୫।୨୦୨୫ରିଖରୁ ଅପରାହ୍ଣ ତା୧୨।୦୬।୨୦୨୫ ସୁଦ୍ଧା (ସକାଳ ୭ଟାରୁ ଦିବା ୧ଟା ମଧ୍ୟରେ) ଦାଖଲ କରିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।
- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ସହିତ ଆଧାର କାର୍ଡ଼, ଆବାସିକ, ବୟସ ଓ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଦକ୍ଷତା, ପ୍ରମାଣପତ୍ରଗୁଡ଼ିକର ନକଲ ଓ ୪ଗୋଟି ପାସ୍‌ପୋର୍ଟ ଆକାରର ନିଜ ଫଟୋ ସଂଲଗ୍ନ କରି ଦେବେ।
- ଆବେଦନକାରୀ Computer/Electrician/Driving/Plumber/Mechanic/House Keeping/Carpenter/Painter/Cooking/Washer Man/Barber/Cobbler/Mason/Photographer/Noliaରେ ଅଭିଜ୍ଞତା ରହିଥିଲେ ଉକ୍ତ ଚୟନ ପରୀକ୍ଷାରେ ଅଗ୍ରାଧିକାର ଦିଆଯିବ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ। ଏତଦ୍ ବ୍ୟତୀତ ଚୟନ ପରୀକ୍ଷାରେ କୌଣସି ପ୍ରକାରରେ Selection Board ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ଗୃହରକ୍ଷୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ।
- ଚୟନ ପରୀକ୍ଷାର ବିବରଣୀ, ନିର୍ଦ୍ଧାରିତ ତାରିଖ, ସମୟ, ସ୍ଥାନ ଇତ୍ୟାଦିର ସୂଚନା ବାଲେଶ୍ୱର ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟରେ ପ୍ରକାଶ କରାଯିବ।

OIPR-12181/11/0003/2526 ସ୍ୱା./- ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ବାଲେଶ୍ୱର

## GOVERNMENT OF ODISHA
## COMMERCE & TRANSPORT (TRANSPORT) DEPARTMENT

**Request For Proposal (RFP)**

**"Operation, Maintenance and Management of Aviation Security Training Institute at Directorate of Aviation, Govt. of Odisha, BPI Airport, Bhubaneswar."**

**No.JJ-14:** The Director of Aviation, Directorate of Aviation, Government of Odisha invites proposals from reputed, experienced and duly certified agencies for Operation, Maintenance and Management of Aviation Security Training Institute for Aviation Security at Directorate of Aviation, Govt. of Odisha, BPI Airport for three years extendable by another three years based on satisfactory performance.

Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.

**https://tendersodisha.gov.in/nicgep/app**

**https://ct.odisha.gov.in/tenders**

The responses are to be submitted online and queries, if any, may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail:orissa_aviation@yahoo.co.in, transcivilaviation@gmail.com

Proposals complete in all respect should reach the undersigned latest by 03.00 PM on 14.07.2025 ("Bid Due Date" or "BDD"). Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.

**Sd./- Special Secretary to Govt. & Director of Aviation**
**Commerce & Transport (Transport) Department**
**Government of Odisha**

OIPR-38001/11/0032/2526

## OFFICE OF THE PRINCIPAL, GOVT. WOMEN'S COLLEGE, BHAWANIPATNA-766001

**Email : gwc.bpt@gmail.com, Phone No. 0670-230723,**
**Website : gwcbhawanipatna.ac.in**

**Letter No. 925//GWC** **Dt.27.05.2025**

**A walk in interview for Guest faculties**

**No.N-53** : A walk-in-interview for Guest faculty in the subjects of **Anthropology, Economics, English, Education, Environmental Studies, Geography, History, Home Science, Odia, Political Science, Sociology, Psychology and Sanskrit** at Govt. Women's College, Bhawanipatna will be held in the college **as per the schedule mentioned below**. The candidates are required to come with necessary documents. The engagement is purely temporary and can be terminated at any time without assigning any reason thereof. The candidates having **Master Degree with 55% marks** in concerned subject may appear the said interview. The remuneration will be paid as per the govt. approved rate.

No TA/DA will be paid for attending the interview.

| Name of the Subject | Date of Interview |
|---|---|
| History, Home Science & Political Science | 17th June 2025 |
| English, Psychology & Odia | 18th June 2025 |
| Education, Sanskrit & Geography | 19th June 2025 |
| Economics, Sociology, Anthropology & Environmental Studies | 20th June 2025 |

**Sd./- Principal**
**Govt. Women's College**
**Bhawanipatna**

OIPR-11035/11/0012/2526

## ODISHA PUBLIC SERVICE COMMISSION, CUTTACK

**NOTICE**

**No.3546/PSC, Dt.27.05.2025**
**(1E-21-2025/26) (DR-III)**

**ADDENDUM TO ADVERTISEMENT No.25 OF 2023-24 FOR RECRUITMENT TO THE POSTS OF POST GRADUATE TEACHERS, GROUP-B UNDER SCHOOL & MASS EDUCATION DEPARTMENT**

**No.D-81**:It is for information of all concerned that the following **provisos are included beneath sub-para (i) of para 6 relating to "Method of Selection"**.

If two or more candidates secure equal marks in the aggregate, the order of merit shall be determined in accordance with highest marks secured by such candidates in the written examination.

In the event of marks secured by such candidates in aggregate as well as in the written examination be equal, candidates securing higher marks in the concerned subjects in the written Examination (Paper-II & Paper-III taken together) (i.e. the discipline in which applied) shall be given preference.

In case of further tie (i.e. marks obtained in aggregate, written examination and concerned subjects), the merit will be arranged in order of date of birth (i.e. the older in age will be ranked higher).

2. All other terms and conditions of the Advertisement shall remain unchanged.

**Sd./- Secretary**

OIPR-12002/11/0228/2526

## ସମଗ୍ର ଶିକ୍ଷା, କଳାହାଣ୍ଡି

**ପତ୍ରାଙ୍କ: ୧୪୫୦** **ତାରିଖ: ୨୭।୦୫।୨୫**

No. n-51: ଏତଦ୍ୱାରା କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀଗୁଡ଼ିକ ପାଇଁ ଏହି କାର୍ଯ୍ୟାଳୟର ପତ୍ରାଙ୍କ ୨୨୧, ତା୩୦।୦୧।୨୦୨୫ରିଖରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଉକ୍ତ ଚିଠି ଅନୁସାରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ସବିଶେଷ ତଥ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇଛି। ଉକ୍ତ ତଥ୍ୟ ସେମାନଙ୍କ ଦ୍ୱାରା ନିଜ ନିଜ ଦରଖାସ୍ତରେ ଦିଆଯାଇଥିବା ତଥ୍ୟ ଉପରେ ଆଧାରିତ ଅଟେ। ଯଦି ଉକ୍ତ ତଥ୍ୟାବଳୀରେ କିଛି ତ୍ରୁଟି ଥାଏ, ସେମାନେ ଆସନ୍ତା ୦୪।୦୬।୨୦୨୫ ତାରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଜ ଅଭିଯୋଗ ଲିଖିତ ଭାବରେ ଉପଯୁକ୍ତ ପ୍ରମାଣ ସହ ଦାଏର କରିବେ। ଏହା ବ୍ୟତୀତ ଉକ୍ତ ୱେବ୍‌ସାଇଟ୍‌ରେ ବିଭିନ୍ନ କାର୍ଯ୍ୟ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିବା ଉଲ୍ଲେଖ କରାଯାଇଅଛି। ଅଭିଯୋଗ ସମାଧାନ ହେବାପରେ ଏବଂ ଆବଶ୍ୟକୀୟ Interview/ Computer Test/Written Test ଇତ୍ୟାଦି ଧାର୍ଯ୍ୟ ସମୟାନୁସାରେ ହେବାପରେ, Draft Merit List ପ୍ରକାଶ କରାଯିବ। ସେଥିରେ ପ୍ରକାଶିତ ପ୍ରାର୍ଥିନୀମାନେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁଯାୟୀ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ରହି ସେମାନଙ୍କ ନଥିପତ୍ର ଯାଞ୍ଚ କରାଇନେବେ। ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପ୍ରାର୍ଥିତ୍ୱ ରଦ୍ଦ କରିଦିଆଯିବ।

କୌଣସି ଅନିବାର୍ଯ୍ୟ କାରଣବଶତଃ ଉପରୋକ୍ତ ସମୟର ପରିବର୍ତ୍ତନ ହେଲେ ଉକ୍ତ website ମାଧ୍ୟମରେ ଜଣାଇ ଦିଆଯିବ। ତେଣୁ ପ୍ରାର୍ଥିନୀମାନେ ବାରମ୍ବାର website ପରିଦର୍ଶନ କରୁଥିବା ପାଇଁ ଜଣାଇ ଦିଆଗଲା।

ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା
କଳାହାଣ୍ଡିଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି

OIPR-27180/11/0003/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 3540/P.S.C., Dt. 27.05.2025**
**(DR-IV)(2PM-01-2025-26)**

**Recruitment to the post of Assistant Industries Officer**

**(Advt. No. 08 of 2024-25)**

**No.-D-82** : It is for information of all concerned that, the Written Examination for recruitment to the post of **Assistant Industries Officer** in Class-II (Group-B) of Odisha Industries Services, pursuant to Advertisement No. 08 of 2024-25 will be held on **29.06.2025 (Sunday)**. The detailed programme of Written Examination will be notified shortly.

The candidates are advised to visit the website of the Commission (**www.opsc.gov.in**) regularly for further information in this regard.

**Sd./- Secretary**

OIPR-12002/11/0229/2526

## WORKS DEPARTMENT
## OFFICE OF THE SUPERINTENDING ENGINEER BHADRAK (R&B) DIVISION

**No.B-157:**

**e-mail:- bhadrakrnbdivision@gmail.com**

**Government of Odisha "e" Procurement Notice**
**Bid Identification No.SE (R&B) BDK-3/2025-26**
**No.3988/dt.23.05.2025**

Nature of Work:- Civil Work and Electrical Works
Number of Works:- 4 (Four) Nos.
Amount Put to Tender:- Rs.9.54 to 81.61 Lakhs
Class of Contractor: B Class, C&D
Date & Time of availability of bid document in the portal:-06.06.2025 at 11.00 A.M.
Last Date/Time of receipt of bid in the portal:-17.06.2025 upto 05.00 PM
Date of Opening of Bid: Dt.18.06.2025 at 11.30 AM
Name & Address of the Office Inviting Bid : Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-Procurement portal "http// tendersodisha.gov.in."
All future corrigendum will be available on ONLINE mode only.

**Sd./- Superintending Engineer**
**Bhadrak (R&B) Division**

OIPR-34079/11/0022/2526

## OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA

**e-Procurement Tender Notice**
**Two Envelope System**
**Tender Reference No. WRD/MID /SIMDEGA/BD/SLI – 02/ 2025-26**
**Letter No.** **Date :- 27/05/2025**

| | | |
|---|---|---|
